RNI No.ODIODI/2010/33031
୧୫ ବର୍ଷ Volume- 15
ISSUE - 214 ସଂଖ୍ୟା- ୨୧୪
ଭୁବନେଶ୍ୱର, ମଙ୍ଗଳବାର ୦୫, ନଭେମ୍ବର, ୨୦୨୪
Bhubaneswar, Tuesday 05, November, 2024
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# 'କେନ୍ଦ୍ରାପଡ଼ାରୁ ଓହରିନି ଆର୍ସେଲର ମିତ୍ତଲ-ନିପନ୍ ଷ୍ଟିଲ'

ଭୁବନେଶ୍ୱର,୪।୧୧(ନି.ପ୍ର.); କେନ୍ଦ୍ରାପଡ଼ାରେ ପ୍ରସ୍ତାବିତ ୨୪ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ପ୍ରକଳ୍ପରୁ ଓହରିନି ଆର୍ସେଲର ମିତ୍ତଲ-ନିପନ୍ ଷ୍ଟିଲ କମ୍ପାନୀ। ଆର୍ସେଲର ମିତ୍ତଲ-ନିପନ୍ ଷ୍ଟିଲର ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି।

ଆର୍ସେଲର ମିତ୍ତଲ-ନିପନ୍ ଷ୍ଟିଲ ଆନ୍ଧ୍ରପ୍ରଦେଶରେ ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା କରିବାକୁ ଯାଉଥିବା ନେଇ ଜାତୀୟ ଗଣମାଧ୍ୟମରେ ଖବର ଆସିବା ପରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ପ୍ରତାପ ଜେନା କହିଥିଲେ ଯେ ଆର୍ସେଲର ମିତ୍ତଲ-ନିପନ୍ ଷ୍ଟିଲ ପ୍ରକଳ୍ପ କେନ୍ଦ୍ରାପଡ଼ାରୁ ଆନ୍ଧ୍ରପ୍ରଦେଶକୁ ଉଠିଗଲା। ଆଉ ଏହା ପରେ ଆଜି କମ୍ପାନୀ ପକ୍ଷରୁ ଦିଆଯାଇଛି ସ୍ପଷ୍ଟୀକରଣ। କେନ୍ଦ୍ରାପଡ଼ାରେ ପ୍ରସ୍ତାବିତ ୨୪ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ଉଠିବନି ବୋଲି ସ୍ପଷ୍ଟୀକରଣରେ କୁହାଯାଇଛି।





କମ୍ପାନୀ ଏ ସମ୍ପର୍କରେ ସ୍ପଷ୍ଟୀକରଣ ରଖି କହିଛି ଯେ, କମ୍ପାନୀର ଏହି ପ୍ରକଳ୍ପ ପ୍ରତିଷ୍ଠା ନେଇ ପ୍ରକ୍ରିୟା ଜାରି ରହିଛି। କେନ୍ଦ୍ରାପଡ଼ା ଷ୍ଟିଲ ପ୍ଲାଣ୍ଟ ଏବେ ବିଭିନ୍ନ ସରକାରୀ ଅନୁମୋଦନ ପ୍ରକ୍ରିୟାରେ ରହିଛି। ଏହାଛଡ଼ା ଆର୍ସେଲର ମିତ୍ତଲ-ନିପନ ଷ୍ଟିଲ ପାରାଦୀପରେ ମଧ୍ୟ ଏକ ୭ ନିୟୁତ ଟନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ସ୍ଥାପନ କରୁଛି। ଏହି ପ୍ରକଳ୍ପ କାମ ମଧ୍ୟ ଚାଲୁ ରହିଛି।

ନିପନ୍ ଷ୍ଟିଲ୍ ପ୍ଲାଣ୍ଟ ଓଡିଶା ଛାଡି ଆନ୍ଧ୍ର ଯିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ଶିଳ୍ପମନ୍ତ୍ରୀ। ନିପନ ଷ୍ଟିଲ୍ ଓଡିଶା ଛାଡି ଯିବନି ବୋଲି ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି।

ନିପନ ଷ୍ଟିଲ୍ ପ୍ଲାଣ୍ଟ ପ୍ରୋଜେକ୍ଟ ଓଡିଶାରୁ ଆନ୍ଧ୍ରକୁ ଯିବା ପ୍ରସଙ୍ଗରେ ବିଜେପିକୁ ଟାର୍ଗେଟ କରିଥିଲା ବିଜେଡି। ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଏଭଳି ଅଭିଯୋଗ ଆଣି ଓଡ଼ିଶା ପାଇଁ ଦୁର୍ଭାଗ୍ୟଜନକ କଥା ବୋଲି କହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଜାପାନ ଯାଇ ଇସ୍ପାତ ପ୍ରକଳ୍ପ ପାଇଁ ଉଦ୍ୟମ କରିଥିଲେ ବି ବର୍ତ୍ତମାନର ବିଜେପି ସରକାର ପାଇଁ କମ୍ପାନୀ ପ୍ରକଳ୍ପ ସ୍ଥାନ ପରିବର୍ତ୍ତନ କରୁଥିବା କହିଥିଲା ବିଜେଡି।

ଅନ୍ୟପକ୍ଷରେ ଆର୍ସେଲର ମିତ୍ତଲ ଓଡ଼ିଶା ଛାଡ଼ିବା ଚର୍ଚ୍ଚା ଉପରେ ଶିଳ୍ପ ମନ୍ତ୍ରୀ କହିଛନ୍ତି, କେବଳ ପ୍ରତାପ ଜେନା ନୁହନ୍ତି, ବିଜେଡିର ନେତାମାନେ ଓଡ଼ିଶାର ଲୋକଙ୍କୁ ଭ୍ରମିତ କରୁଛନ୍ତି। ଓଡ଼ିଶାରୁ ଆର୍ସେଲର ମିତ୍ତଲ- ନିପନ୍ ଷ୍ଟିଲ ଯିବନି। ପୂର୍ବ ସରକାର ଦୁଇ ବର୍ଷ ହେଲା ଶିଥିଳ ହୋଇଯାଇଥିଲା, କୌଣସି କାମ କରୁନଥିଲା। ବରଂ ବିଜୁ ଜନତା ଦଳ ସମୟରେ ଯେଉଁ ଶିଳ୍ପ ଓଡ଼ିଶାରୁ ଫେରି ଯାଇଥିଲେ ସେମାନେ ଏବେ ଓଡ଼ିଶା ଫେରୁଛନ୍ତି।

ଓଡ଼ିଶାର ଲୋକଙ୍କୁ ଭ୍ରମିତ କରୁଛି ବିଜୁ ଜନତା ଦଳ। ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ ହେଉଛି ବିଶ୍ୱର ଏକ ପ୍ରମୁଖ ଇସ୍ପାତ କମ୍ପାନୀ। ଏହା ସାରା ବିଶ୍ୱରେ ଇସ୍ପାତ କାରଖାନା ବସାଉଛି। ପ୍ରତାପ ଜେନା କେମିତି କହିଲେ ଏ କଥା। ତାଙ୍କ ସମୟରେ ଗୁଜରାଟର ହାଜିରାରେ ଏକ ଷ୍ଟିଲ ପ୍ଲାଣ୍ଟ କରିଥିଲା ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ। ସେତେବେଳେ କହିଲେନି ଯେ ଓଡ଼ିଶାରୁ ଏହା ଗୁଜରାଟ ପଳାଇଲା ବୋଲି। ବଡ କଥା ହେଉଚି ବିଜୁ ଜନତା ଦଳ ସମୟରେ ଯେଉଁ ଶିଳ୍ପ ଫେରିଯାଇଥିଲେ ସେମାନେ ଏବେ ଫେରୁଛନ୍ତି ଓଡିଶାକୁ। ପୂର୍ବରୁ ମଧ୍ୟ ଜେଏସଡବ୍ଲୁ ଇଭି ଫେରି ଯାଉଛି ବୋଲି କହି ଲୋକଙ୍କୁ ଭ୍ରମିତ କରିଥିଲେ, ପରେ ସତ୍ୟତା ଜଣାପଡ଼ିଲା।

# ଧାରା ୩୭୦ ପାଇଁ ହେଲା ଜାମ୍ମୁ-କାଶ୍ମୀର ବିଧାନସଭାରେ ହଙ୍ଗାମା

ଶ୍ରୀନଗର,୪।୧୧(ନି.ପ୍ର.): ଦୀର୍ଘ ୬ ବର୍ଷ ପରେ ଜମ୍ମୁ-କଶ୍ମୀର ବିଧାନସଭାର ପ୍ରଥମ ଅଧିବେଶନ ଆଜି ଠାରୁ ଆରମ୍ଭ ହୋଇଛି। ନିକଟରେ ନିର୍ବାଚନ ଓ ସରକାର ଗଠନ ପ୍ରକ୍ରିୟା ଶେଷ ହେବା ପରେ ଆଜି ବିଧାନସଭା ଅଧିବେଶନ ବସିଛି। ହେଲେ ୬ ବର୍ଷ ପରେ ବସିଥିବା ବିଧାନସଭାର ପ୍ରଥମ ଦିନରେ ପ୍ରବଳ ହଙ୍ଗାମା ଦେଖିବାକୁ ମିଳିଛି। ନିୟମ ଅନୁସାରେ, ପ୍ରଥମ ଦିନ ଗୃହରେ ବାଚସ୍ପତି ନିର୍ବାଚନ ହୋଇଥିଲା।



ଏନସିର ବରିଷ୍ଠ ନେତା ତଥା ୭ଥରର ବିଧାୟକ ରହିମ ରାଥେର ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଓ ପ୍ରୋ ଟମ ବାଚସ୍ପତି ମୁବାରକ ଗୁଲ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କିନ୍ତୁ ଏହାପରେ ଗୃହରେ ପ୍ରବଳ ହଙ୍ଗାମା ହୋଇଛି। ଜମ୍ମୁ-କଶ୍ମୀରରୁ ୨୦୧୯ ଅଗଷ୍ଟ ୫ରେ ଉଚ୍ଛେଦ ହୋଇଥିବା ଧାରା ୩୭୦କୁ ନେଇ ଗୃହରେ ପିଡିପି ଓ ବିଜେପି ବିଧାୟକ ମୁହାଁମୁହିଁ ହୋଇଛନ୍ତି। ପ୍ରଥମ ଦିନରେ ସମସ୍ତଙ୍କୁ ଚକିତ କରି ପିଡିପି ବିଧାୟକ ୱାହିଦ ପାରା ଗୃହରେ ଧାରା ୩୭୦ ଉଚ୍ଛେଦ ବିରୋଧରେ ଗୋଟିଏ ପ୍ରସ୍ତାବ ଆଗତ କରିଥିଲେ। ପୁଣି ଏହାକୁ ଲାଗୁ କରିବାକୁ ସେ ଦାବି କରିଥିଲେ।

ତେବେ ବିଜେପିର ବିଧାୟକମାନେ ଏପରି ପ୍ରସ୍ତାବକୁ ଜୋରଦାର ବିରୋଧ କରିଥିଲେ। ତାଙ୍କୁ ନିଲମ୍ବିତ କରିବାକୁ ବାଚସ୍ପତିଙ୍କୁ କହିଥିଲେ। ବାଚସ୍ପତି ରହିମ ରାଥେର ପ୍ରସ୍ତାବ ଗ୍ରହଣ ହୋଇ ନଥିବା କହିଥିଲେ ମଧ୍ୟ ବିଜେପି ବିଧାୟକମାନେ ହଙ୍ଗାମା ବନ୍ଦ କରି ନଥିଲେ। ପିଡିପି ବିଧାୟକମାନେ ମଧ୍ୟ ସେମାନଙ୍କୁ ବିରୋଧ କରିବାରୁ ପ୍ରବଳ ହଙ୍ଗାମା ଦେଖିବାକୁ ମିଳିଥିଲା। ଶେଷରେ ମାର୍ଶଲ ଆସି ଉଭୟ ପକ୍ଷଙ୍କୁ ଶାନ୍ତ କରାଇବାକୁ ଚେଷ୍ଟା କରିଥିଲେ।

ଧାରା ୩୭୦କୁ ବିଜେପି ପୁଣି ଲାଗୁ କରିବ ବୋଲି ଭାବିବା ନିର୍ବୋଧତାର ପରିଚୟ କହି ସାରିଥିବା ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପ୍ରସ୍ତାବ ଆଗତ ସମ୍ପର୍କରେ ଜାଣିଥିବା କହିଛନ୍ତି। ସେ କହିଛନ୍ତି, ବାସ୍ତବ କଥା ହେଲା ଜମ୍ମୁ-କଶ୍ମୀରର ଲୋକମାନେ ଧାରା ୩୭୦ ଉପରେ ହୋଇଥିବା ନିଷ୍ପତ୍ତିକୁ ଗ୍ରହଣ କରିପାରୁ ନାହାନ୍ତି। ଯଦି ସେମାନେ ଏହାକୁ ଗ୍ରହଣ କରିଥାଆନ୍ତେ, ତା'ହେଲେ ଫଳାଫଳ ଆଜି ଏମିତି ହୋଇ ନଥାଆନ୍ତା।

ଅବଦୁଲ୍ଲାଙ୍କ କହିବା କଥା ଯେ ବିଧାନସଭାରେ ଆସିଥିବା ପ୍ରସ୍ତାବର କୌଣସି ଗୁରୁତ୍ୱ ନାହିଁ ଏହା କେବଳ କ୍ୟାମେରାରେ ରହିବା ପାଇଁ ଉଦ୍ୟମ। ଯଦି ଏହା ପଛରେ କିଛି ଉଦ୍ଦେଶ୍ୟ ରହିଥାଆନ୍ତା, ତା'ହେଲେ ପିଡିପି ନିଶ୍ଚିତ ଭାବେ ଆମ ସହ ଆଲୋଚନା କରିଥାଆନ୍ତା। ଜଣେ ବିଧାୟକ ଏପରି ପ୍ରସ୍ତାବ ଆଣିବାର କିଛି ମୂଲ୍ୟ ନାହିଁ ବୋଲି ସେ କହିଛନ୍ତି।

ତେବେ ପିଡିପି ମୁଖ୍ୟ ମେହବୁବା ମୁଫତି ଏପରି ଏକ ପ୍ରସ୍ତାବ ବିଧାନସଭାର ପ୍ରଥମ ଦିନରେ ଆଗତ କରିଥିବା ବିଧାୟକ ୱାହିଦଙ୍କୁ ପ୍ରଶଂସା କରିଛନ୍ତି।

## ଠିକାଦାରଙ୍କୁ ମନ୍ତ୍ରୀଙ୍କ ତାଗିଦ

ଭୁବନେଶ୍ୱର ୪।୧୧(ନି.ପ୍ର.): ଠିକାଦାରଙ୍କୁ ମନ୍ତ୍ରୀଙ୍କ ତାଗିଦ। ତୁରନ୍ତ ପାନୀୟ ଜଳ ପ୍ରକଳ୍ପ ନସାରିଲେ, ସଂପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନେଇ ଚେତାବନୀ ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ । କେନ୍ଦ୍ରାପଡ଼ା ପାଟକୁରା ଅଞ୍ଚଳରେ ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତି ଜାଣିବା ଅବସରରେ ମନ୍ତ୍ରୀ ରବି ନାୟକ କହିଛନ୍ତି, ପ୍ରକଳ୍ପ କାମ ସାରୁନଥିବା ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରାଯିବ । ପ୍ରକଳ୍ପର ମନ୍ଥର ଗତି ପାଇଁ ବିଭାଗୀୟ ମଧ୍ୟ ଅଧିକାରୀ ଦାୟୀ ହେବେ ।

## ଦୁର୍ଘଟଣା ପରେ ଜଳିଗଲା ବାୟୁସେନାର ମିଗ ୨୯

ନୂଆଦିଲ୍ଲୀ,୪।୧୧: ଭାରତୀୟ ବାୟୁସେନାର ଗୋଟିଏ ମିଗ ୨୯ ଯୁଦ୍ଧ ବିମାନ ଆଜି ଉତ୍ତର ପ୍ରଦେଶର ଆଗ୍ରାରେ କ୍ରାଶ କରି ଯାଇଛି। ତେବେ ବିମାନରେ ଥିବା ପାଇଲଟ ଜଣଙ୍କ ଏଥିରୁ ସୁରକ୍ଷିତ ଭାବେ ବାହାରି



ଆସିବାକୁ ସକ୍ଷମ ହୋଇଛନ୍ତି।

ଦୁର୍ଘଟଣା ପରେ ବିମାନଟି ସଂପୂର୍ଣ୍ଣ ଭାବେ ଜଳି ଯାଇଛି। ଆଗ୍ରାର ସୋନଗା ଗାଁରେ ଥିବା ଗୋଟିଏ ଖୋଲା ପଡ଼ିଆରେ ବିମାନଟି ଖସିବା ପରେ ହୁତହୁତ ହୋଇ ଜଳିବାକୁ ଲାଗିଥିଲା। ଏହାର ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି। ବିମାନଟି ଜଳୁଥିବା ବେଳେ ଲୋକମାନେ ଏହା ଠାରୁ ବେଶ ଦୂରରେ ଛିଡ଼ା ହୋଇଛନ୍ତି।

# ସାମୁଦ୍ରିକ ଝଡ଼ ନଷ୍ଟ କରିଛି ୬ଶହ କୋଟି

ଭୁବନେଶ୍ୱର୪।୧୧(ନି.ପ୍ର.): ଆଜି ବାତ୍ୟା ଦାନା ଘଟାଇଥିବା କ୍ଷୟକ୍ଷତିର ରିପୋର୍ଟ ଆସିଛି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରାଥମିକ ଆକଳନ ଅନୁସାରେ ପ୍ରାୟ ୬ଶହ କୋଟି ଟଙ୍କାର କ୍ଷତି ହୋଇଛି। ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି। ମୟୂରଭଞ୍ଜ, ଯାଜପୁର, ଜଗତସିଂହପୁର, କଟକ ବି ପ୍ରଭାବିତ ହୋଇଛି।



୧୪ ଜିଲ୍ଲାର ୧୩୧ ବ୍ଲକ ପ୍ରଭାବିତ ହୋଇଛି।୧୧, ୬୩୭ ଗାଁର ୪୧ ଲକ୍ଷ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି।ମୋଟ ୧୬, ୪୧୭ ଘର ପ୍ରଭାବିତ ଓ ୨୭ ଘର ସଂପୂର୍ଣ୍ଣ କ୍ଷତିଗ୍ରସ୍ତୟ୧୪, ୬୮୦ ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି। ବିଭାଗୱାରୀ ହିସାବ ଭିତ୍ତିରେ ଶକ୍ତି ବିଭାଗ ବେଶୀ କ୍ଷତିଗ୍ରସ୍ତ। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ପ୍ରକୃତ କ୍ଷୟକ୍ଷତି ସ୍ପଷ୍ଟ ହେବ। ରିପୋର୍ଟ ଆସିଲା ପରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଦିଆଯିବ। ସେ ଆହୁରି କହିଛନ୍ତି, ପଞ୍ଚାୟତିରାଜ ବିଭାଗ ଛଡ଼ା ଅନ୍ୟ ସବୁ ବିଭାଗରୁ ରିପୋର୍ଟ ଆସିଛି। ସଂଧ୍ୟା ସୁଦ୍ଧା ସବୁ ରିପୋର୍ଟ ମିଳିଲା ପରେ ଚୂଡ଼ାନ୍ତ ହିସାବ ହେବ। ମୋଟାମୋଟି ଭାବେ ୧୪ ଜିଲ୍ଲାର ୧୩୧ ବ୍ଲକ ପ୍ରଭାବିତ ହୋଇଛିୟ୧୧, ୬୩୭ ଗାଁର ୪୧ ଲକ୍ଷ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ମୋଟ ୧୬, ୪୧୭ ଘର ପ୍ରଭାବିତ ଓ ୨୭ ଘର ସଂପୂର୍ଣ୍ଣ କ୍ଷତିଗ୍ରସ୍ତ।୧୪, ୬୮୦ ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି। ବିଭାଗୱାରୀ ହିସାବ ଭିତ୍ତିରେ ଶକ୍ତିବିଭାଗ ବେଶୀ କ୍ଷତିଗ୍ରସ୍ତ। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ପ୍ରକୃତ କ୍ଷୟକ୍ଷତି ସ୍ପଷ୍ଟ ହେବ। ରିପୋର୍ଟ ଆସିଲା ପରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଦିଆଯିବ।

## ଭିଜିଲାନ୍ସ ଜାଲରେ ବ୍ଲକ କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର,୪।୧୧(ନି.ପ୍ର.): ଭିଜିଲାନ୍ସ ପଞ୍ଝାରେ ଆଉ ଜଣେ ଜେଇ । କନ୍ଧମାଳ ଫିରିଙ୍ଗିଆ। ବ୍ଲକର କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ପାଢ଼ୀ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ଧରାପଡ଼ିଛନ୍ତି । ଫୁଲବାଣୀ ଭିଜିଲାନ୍ସ ଟିମ ତାଙ୍କୁ ଲାଞ୍ଚ ଟଙ୍କା ସହିତ ଗିରଫ କରିଛି । ଠିକା କାମର ବିଲ କରାଇ ଦେବା ପାଇଁ ଠିକାଦାର ରଘୁନାଥ ମହାକୁଡ଼ଙ୍କ ଠାରୁ ଲାଞ୍ଚ ନେଉଥିଲେ । ଏକକାଳୀନ ୪ଟି ସ୍ଥାନରେ ବର୍ତ୍ତମାନ ଭିଜିଲାନ୍ସ ଟିମ ଚଢାଉ କରିଛନ୍ତି। ଫିରିଙ୍ଗିଆ। ସ୍ଥିତ କାର୍ଯ୍ୟାଳୟ, ବାସଭବନ ସହ ବ୍ରହ୍ମପୁରର ପୈତୃକ ଘର ଏବଂ ଲୋଛାପଡ଼ା ସ୍ଥିତ ଶଶୁର ଘରେ ରେଡ ଜାରି ରଖିଛନ୍ତି ବ୍ରହ୍ମପୁର ଏବଂ ଫୁଲବାଣୀ ଭିଜିଲାନ୍ସ ଟିମ । ଫୁଲବାଣୀ ଭିଜିଲାନ୍ସ ଡିଏସପି ହେମନ୍ତ କୁମାର ମହାନ୍ତି ଏହି ସୂଚନା ଦେଇଛନ୍ତି ।

## ସାମାନ୍ୟ ବଚସାରୁ ଗୁଳିମାଡ଼

ରାଉରକେଲା,୪।୧୧(ନି.ପ୍ର.): ସାମାନ୍ୟ ବଚସା ନେଲା ଉଗ୍ର ରୂପ। ଯୁବକଙ୍କୁ ଗୁଳିମାଡ଼ କରି ଚମ୍ପଟ ମାରିଲେ ଦୁର୍ବୃତ୍ତ। ଏପରି ଘଟଣା ଘଟିଛି ରାଉରକେଲାର ଟ୍ରାଫିକ ଗେଟ୍ ମାର୍କେଟରେ। ଆହତ ଯୁବକ ଅଭ୍ୟାସ ରାୟଙ୍କୁ ଉଦ୍ଧାର କରାଯାଇ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଛି।



ଆଜି ସକାଳେ ରାଉରକେଲା ଟ୍ରାଫିକ ଗେଟ୍ ମାର୍କେଟ ନିକଟରେ କୌଣସି କଥାକୁ ନେଇ ୨ରୁ୩ ଜଣ ଯୁବକଙ୍କ ସହ ସଂପୃକ୍ତ ଯୁବକଙ୍କର ବଚସା ହୋଇଥିଲା। ପରେ ଏହି ବଚସା ଉଗ୍ରରୂପ ନେଇଥିଲା। ପରେ ଦୁର୍ବୃତ୍ତମାନେ ଯୁବକଙ୍କ ଉପରକୁ ଗୁଳିମାଡ଼ କରି ଫେରାର ମାରିଥିଲେ। ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକେ ଯୁବକଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ଅଭ୍ୟାସଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳିମାଡ଼ ହୋଇଥିବା ସନ୍ଦେହ କରଯାଉଛି।

ତେବେ କେଉଁ କାରଣ ପାଇଁ ଦୁର୍ବୃତ୍ତମାନେ ଯୁବକଙ୍କ ଉପରକୁ ଗୁଳିମାଡ଼ କଲେ ତାହା ଜଣାପଡ଼ି ନାହିଁ। ପୁଲିସ ଖୋକା ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

# ବିଜେପିରେ ମିଶିଲେ ବ୍ଲକ୍ ଅଧ୍ୟକ୍ଷା

ଭୁବନେଶ୍ୱର,୪।୧୧(ନି.ପ୍ର.): ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ବିଜେପିରେ ମିଶିଲେ ସାହାରପଡ଼ା ବ୍ଲକ ଅଧ୍ୟକ୍ଷା ଓ ବିଜେଡି ସମର୍ଥିତ କେନ୍ଦୁଝର ଜିଲ୍ଲା ଓକିଲ ସଂଘ ସଭାପତି।



ବିଜେଡି ଛାଡ଼ି ବିଜେପିରେ ମିଶିଛନ୍ତି ଦୁଇ ଜଣ ବିଜେଡି ନେତା। ଆଜି ସକାଳେ ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଏମାନେ ପଦ୍ମ ଧରିଛନ୍ତି। ସେମାନେ ହେଲେ ସାହାରପଡ଼ା ବ୍ଲକ ଅଧ୍ୟକ୍ଷା ରୀନା ନାଏକ ଓ ବିଜେଡି ସମର୍ଥିତ କେନ୍ଦୁଝର ଜିଲ୍ଲା ଓକିଲ ସଂଘର ସଭାପତି ଆଲୋକ ମହାନ୍ତ।

ଲୋକଙ୍କୁ ସେବା ଯୋଗାଇ ଦେବାକୁ ବିଜେପିରେ ମିଶିଥିବା କହିଛନ୍ତି ରୀନା ନାଏକ। ଜିଲ୍ଲା ଓକିଲ ସଂଘର ସଭାପତି ଆଲୋକ ମହାନ୍ତ କହିଛନ୍ତି, ବିଜେଡିରେ ତାଙ୍କୁ ସବୁବେଳେ ଅବହେଳା କରାଯାଇଛି। ବିଜେଡିରେ ଚାଲିଥିବା ଏକଛତ୍ରବାଦରେ ଅତିଷ୍ଠ ହୋଇ ସେ ମୁଖ୍ୟମନ୍ତ୍ରୀ, ବିଜେପି ଜିଲ୍ଲା ସଭାପତି ଓ ବିଜେପି ଯୁବମୋର୍ଚ୍ଚା ସଭାପତିଙ୍କ ଉପସ୍ଥିତିରେ ପଦ୍ମ ଧରିଛନ୍ତି ବୋଲି କହିଛନ୍ତି।

# ୨୧ରୁ ବରଗଡ଼ରୁ ଧାନ କିଣା ଆରମ୍ଭ

ଭୁବନେଶ୍ୱର,୪।୧୧(ନି.ପ୍ର.): ନଭେମ୍ବର ମାସ ୨୧ ତାରିଖରୁ ଆରମ୍ଭ ହେବ ଧାନ କିଣା। ଚଳିତ ଖରିଫ୍ ଋତୁରେ ଧାନ କିଣା ନେଇ ମନ୍ତ୍ରିସ୍ତରୀୟ ବୈଠକରେ ହୋଇଛି ନିଷ୍ପତ୍ତି। ବୈଠକରେ ପରେ ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ବରଗଡ଼ ଜିଲ୍ଲାରୁ ଧାନ କିଣା ଆରମ୍ଭ ହେବ।



ଚଳିତ ବର୍ଷ ୮୦ ଲକ୍ଷ ଟନ୍ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ଚାଷୀଙ୍କଠାରୁ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ ଧାନ କିଣିବେ ସରକାର। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ୨୩୦୦ ଟଙ୍କା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଇନପୁଟ ସହାୟତା ୮୦୦ ଟଙ୍କା ମିଶାଇ ମୋଟ ୩୧୦୦ ଟଙ୍କାରେ ଧାନ ବିକ୍ରି କରିବେ ଚାଷୀ। ଧାନ କ୍ରୟ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ପ୍ରକ୍ରିୟା ଶେଷ ହେବାଯାଏଁ ମଣ୍ଡିରେ ରହିବେ ବିଭାଗୀୟ ଅଧିକାରୀ। ୪ରୁ ୫ଟି ମଣ୍ଡିରେ ଜଣେ ଲେଖାଏଁ ସୁପରଭାଇଜର ରହିବେ। ସବୁ ମଣ୍ଡିରେ ଧାନର ମାନ ଯାଞ୍ଚ କରିବା ପାଇଁ କ୍ୱାଲିଟି ଟେଷ୍ଟିଂ ମେସିନ ରହିବ। ମଣ୍ଡିରୁ ମିଲ୍ ପର୍ଯ୍ୟନ୍ତ ଧାନ ପରିବହନ ବ୍ୟବସ୍ଥାର ତଦାରଖ କରିବ ପରିବହନ ବିଭାଗ। ସେହିଭଳି ପଡ଼ୋଶୀ ରାଜ୍ୟରୁ ଯେପରି ଧାନ ଓଡ଼ିଶାକୁ ପ୍ରବେଶ ନକରେ, ସେଥିପାଇଁ ପାଟ୍ରୋଲିଂ ଟିମ ମୁତୟନ କରାଯିବ। ଚାଷୀଙ୍କ ସୁରକ୍ଷା ସହ କଟଣିଛଟଣି ମୁକ୍ତ ଧାନ କିଣା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେବେ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

# ଭୁଶୁଡିଲା ଭାରତୀୟ ସେୟାର ମାର୍କେଟ୍

## ସେନସେକ୍ସ ୧୧୦୦ ପଏଣ୍ଟରୁ ଅଧିକ, ନିଫ୍ଟି ଖସିଲା ୪୦୦ ପଏଣ୍ଟ

ନୂଆଦିଲ୍ଲୀ,୪।୧୧: ଭୁଶୁଡିଲା ଭାରତୀୟ ସେୟାର ମାର୍କେଟ । ସେନସେକ୍ସ ୧୧୦୦ ପଏଣ୍ଟରୁ ଅଧିକ ଖସିଥିବା ବେଳେ ନିଫ୍ଟି ଖସିଛି ୪୦୦ ପଏଣ୍ଟ । ଆଜି ସକାଳେ ମାର୍କେଟ ଖୋଲୁ ଖୋଲୁ ଏପରି ପରିସ୍ଥିତି ଦେଖିବାକୁ ମିଳିଥିଲା। ମାର୍କେଟରୁ ବିଦେଶୀ ନିବେଶକାରୀମାନେ ପୁଞ୍ଜି ପ୍ରତ୍ୟାହାର କରି ନେଉଥିବାରୁ ମାର୍କେଟ କ୍ରାସ୍ କରିଥିବା କୁହାଯାଉଛି। କେବଳ ଅକ୍ଟୋବରରେ ବିଦେଶୀ ନିବେଶକାରୀ ୧ ଲକ୍ଷ ୧୩ ହଜାର ୮୫୮ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି । ଆଗକୁ ମାର୍କେଟର ସ୍ଥିତି କଣ ହେବ, ତାକୁ ନେଇ ଅନିଶ୍ଚିତତା ଦେଖାଦେଇଛି ।

ତା ସହିତ ହାଇ ଭ୍ୟାଲୁଏସନ୍ ଓ ରିଟର୍ଣ୍ଣ କମ୍ ହେବାର ଆଶଙ୍କା ଦେଖା ଦେଇଛି ।ଏହି କାରଣରୁ ବିଦେଶୀ ନିବେଶକାରୀ ନିଜର ପୁଞ୍ଜି ପ୍ରତ୍ୟାହାର କରିନେଇଥିବା କୁହାଯାଉଛି। ଏଥିପାଇଁ କିଛି ଦିନ ଭିତରେ ସର୍ବୋଚ୍ଚସ୍ତରରୁ ୮ ପ୍ରତିଶତ ଖସିଛି ମାର୍କେଟ ।ଆଗକୁ ମଧ୍ୟ ପ୍ରମୁଖ କମ୍ପାନିଗୁଡ଼ିକ ଭଲ ଲାଭ କରିନପାରନ୍ତି ବୋଲି ଆଶଙ୍କା କରାଯାଉଛି । ତେଣୁ ଭାରତର ମାର୍କେଟରୁ ବିଦେଶୀ ନିବେଶକାରୀ ନିଜର ଅର୍ଥ କାଢ଼ି ନେଉଛନ୍ତି । ତାସହିତ ଆମେରିକାର ରାଷ୍ଟ୍ରପତି ନିର୍ବାଚନର ଫଳାଫଳକୁ ନେଇ ବି ଅନିଶ୍ଚିତତା ଅଛି । କିଏ ଜିତିବ, କହି ହେଉନାହିଁ । ଟ୍ରମ୍ପ ଜିତିଲେ କିଛି ଦିନ ମାର୍କେଟ ଉପରକୁ ଉଠିପାରେ, ତା ପରେ ଖସିବ । ସେହିପରି କମଳା ହାରିସ୍ ଜିତିଲେ ମାର୍କେଟରେ ଏହାର ଭଲ ପ୍ରଭାବ ପଡ଼ିବ ନାହିଁ ବୋଲି କୁହାଯାଉଛି । ଏସବୁର କାରଣରରୁ ଭାରତୀୟ ମାର୍କେଟ କ୍ରାସ୍ ହୋଇଛି ।

# ବଡ଼ ଦୁର୍ଘଟଣା : ଖାଇକୁ ବସ୍ ଖସି ୩୬ ମୃତ

ନୂଆଦିଲ୍ଲୀ,୪।୧୧(ନି.ପ୍ର.): ଉତ୍ତରାଖଣ୍ଡର ଅଲମୋଡାର ମାର୍ଚୁଲାରେ ମର୍ମନ୍ତୁଦ ଘଟଣା ଘଟିଛି। ଯାତ୍ରୀବାହୀ ବସ୍ ଖାଇକୁ ଖସିବାରୁ ଏଥିରେ ୩୬ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଅନେକ ଆହତ ହୋଇଛନ୍ତି। ସୂଚନା ମୁତାବକ, ସୋମବାର ଗୌରାଖାଲରୁ ଏକ ବସ୍ ରାମନଗରରୁ ବାହାରିଥିଲା। ଏହି ବସ୍ରେ ମୋଟ ୪୫ ଜଣ ଯାତ୍ରୀ ଥିଲେ। ତେବେ ସଲ୍ଟ କୁପି ନିକଟରେ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ। ଏହା ପରେ ଏହା ଦେଖୁ ଦେଖୁ ଖାଇକୁ ଖସି ପଡ଼ିଥିଲା। ତେବେ ଦୁର୍ଘଟଣା ସମୟରେ କିଛି ଯାତ୍ରୀ ବସରୁ ବାହାରକୁ ଡେଇଁ ପଡି ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



ସେପଟେ ସୂଚନା ମିଳିବା ପରେ ଏସଡିଆର୍ଏଫର ୩ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ପୁଲିସ ମଧ୍ୟ ଉଦ୍ଧାର କାର୍ଯ୍ୟରେ ଲାଗିଛି। ଘଟଣାସ୍ଥଳରେ ଜିଲ୍ଲାପାଳ ମଧ୍ୟ ଉପସ୍ଥିତ ଅଛନ୍ତି। ତେବେ ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବିପାରେ ବୋଲି ଆଶଙ୍କା କରାଯାଉଛି।

ସେପଟେ ଏହି ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଦୁଃଖ ପ୍ରକାଶ କରିଛନ୍ତି। ଆଲମୋଡା ଜିଲ୍ଲାର ମାର୍ଚୁଲାରେ ଘଟିଥିବା ଦୁର୍ଭାଗ୍ୟଜନକ ବସ୍ ଦୁର୍ଘଟଣା ଘଟିଥିବା ନେଇ ଦୁଃଖଦ ଖବର ପାଇଛି। ଉଦ୍ଧାର କାର୍ଯ୍ୟ ଜୋରଦାର କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାସ୍ଥଳରେ ଏସ୍ଡିଆରଏଫ୍ ଟିମ୍ ଆହତଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ପହଞ୍ଚାଇଛନ୍ତି। ଯଦି ଆବଶ୍ୟକ ପଡେ ତେବେ ଗୁରୁତର ଥିବା ଯାତ୍ରୀଙ୍କୁ ଏୟାରଲିଫ୍ଟ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଢରେ ପୋଷ୍ଟ କରି ଲେଖିଛନ୍ତି।

ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପୌଡି ଏବଂ ଆଲମୋଡାର ସମ୍ପୃକ୍ତ ଅଞ୍ଚଳରେ ଆରଟିଓ କାର୍ଯ୍ୟକାରିତାକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତିୟ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ସିଏମ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଘଟଣାର ମାଜିଷ୍ଟ୍ରେଟ ତଦନ୍ତ ପାଇଁ କମିଶନର୍ କୁମାଓନ୍ ଡିଭିଜନକୁ ନିର୍ଦ୍ଦେଶ ଦିଆଯାଇଛି।

## ଆତଙ୍କୀ ମୃତ୍ୟୁରେ ସାହାଯ୍ୟ କରିଥିଲା ବିସ୍କୁଟ

ଶ୍ରୀନଗର,୪।୧୧: ଜମ୍ମୁ-କଶ୍ମୀରରେ ମିଳିଲା ସେନାକୁ ବଡ଼ ସଫଳତା। ସିଆରପିଏଫ୍ ଏବଂ ଜମ୍ମୁ-କଶ୍ମୀର ପୁଲିସ ଶନିବାର ଶ୍ରୀନଗରସ୍ଥିତ ଖାନ୍ୟାର ଅଞ୍ଚଳରେ ଦିନ ତମାମ ଏକ ମିଳିତ ଅପରେଶନ୍ରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍ଇଟି)ର ଟପ୍ କମାଣ୍ଡର ଉସ୍ମାନକୁ ନିପାତ କରିଥିଲେ। ଏଥିସହ ଏନକାଉଣ୍ଟରରେ ଆଉ ଦୁଇ ଜଣ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିଲେ। ତେବେ ଏହି ଅପରେସନ୍ ସେନାକୁ ବଡ଼ ସହାୟତା କରିଥିଲା ବିସ୍କୁଟ୍।

ବରିଷ୍ଠ ଅଧିକାରୀମାନେ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବାର କମାଣ୍ଡର ଉସ୍ମାନ ବିରୋଧରେ କରାଯାଇଥିବା ଅପରେସନରେ ବେଶ୍ ଯତ୍ନବାନ ଥିଲେ। ବୁଲା କୁକୁରମାନେ ଯେପରି ଏହି ଅପରେସନରେ ବାଧା ସୃଷ୍ଟି ନ କରନ୍ତି ସେଥିପାଇଁ ସେମାନେ ବିସ୍କୁଟର ସାହାଯ୍ୟ ନେଇଥିଲେ।

ଦୀର୍ଘ ୯ ଘଣ୍ଟା ଧରି ଏହି ଅପରେସନ୍ ଚାଲିଥିଲା। ବୁଲା କୁକୁରମାନେ ଯବାନଙ୍କୁ ଦେଖି ଭୁକିପାରନ୍ତି ବୋଲି ଅନୁମାନ କରି ସେମାନଙ୍କୁ ଶାନ୍ତ କରିବା ପାଇଁ ବିସ୍କୁଟ୍ ଖାଇବାକୁ ଦିଆଯାଇଥିଲା। କୁକୁର ବିସ୍କୁଟ୍ ଖାଉଥିବାବେଳେ ଯବାନମାନେ ପ୍ରାୟ ୩୦ଟି ଘରକୁ ଘେରିଯାଇ ଅପରେସନ୍ ଚଳାଇଥିଲେ ଏବଂ ଶେଷରେ ସଫଳ ହୋଇଥିଲେ। ଆତଙ୍କବାଦୀଙ୍କୁ ହତ୍ୟା କରିଥିଲେ। ଉସମାନ ଜଣେ କୁଖ୍ୟାତ ଆତଙ୍କବାଦୀ ଥିଲା। ୨୦୦୦ ମସିହାରୁ ଜମ୍ମୁ କଶ୍ମୀରରେ ସକ୍ରିୟ ଥିଲା। ସେ ଉପତ୍ୟକା ଅଞ୍ଚଳକୁ ଭଲଭାବେ ଜାଣିଥିଲା। ସେ ଘାଟିରେ ଘଟିଥିବା ଅନେକ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିଲା। ତେବେ ପାକିସ୍ତାନରେ କିଛି ସମୟ ବିତାଇବା ପରେ ୨୦୧୬-୧୭ ମସିହାରେ ପୁଣି ଜମ୍ମୁ-କଶ୍ମୀରରେ ସେ ଅନୁପ୍ରବେଶ କରିଥିଲା। ଗତ ବର୍ଷ ପୁଲିସ ସବ୍-ଇନ୍ସପେକ୍ଟର ମସରୁର ୱାନୀଙ୍କୁ ଗୁଳି କରି ହତ୍ୟା କରିବା ମାମଲାରେ ସେ ମଧ୍ୟ ସମ୍ପୃକ୍ତ ଥିଲା।



# ନୂତନ ବିଡ଼ିଓ ଓ ତହସିଲଦାରଙ୍କୁ ଶୁଭେଚ୍ଛା ଜଣାଇଲେ ସମିତି ସଭ୍ୟ

ଗଞ୍ଜାମ, ୪।୧୧:ଗଞ୍ଜାମ ବ୍ଲକରେ ନୂତନ ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ ଏବଂ ତହସିଲରେ ସୁକାନ୍ତ କୁମାର ମିଶ୍ର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶୁଭେଚ୍ଛା ଜଣାଇଛି ସମିତି ସଭ୍ୟ ସଙ୍ଘ । ହୁମା ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ, ସୁବଳୟା ପଞ୍ଚାୟତ ସମିତି ମେମ୍ବର ମାମି ଦାସ, ରାମଗଡ଼ ପଞ୍ଚାୟତ ସମିତି ସଭ୍ୟା ଗୀତାଞ୍ଜଳି ବେହେରା, ପାଳିବନ୍ଧ ପଞ୍ଚାୟତ ସମିତି ସଭ୍ୟ ପ୍ରତିନିଧି ଛାୟାକାନ୍ତ ପ୍ରଧାନ, ଜେଆରଜେ ପୁର ପଞ୍ଚାୟତ ଚକା ନାୟକ, ସାନ ରାମଚନ୍ଦ୍ର ପଞ୍ଚାୟତ ସମିତି ମେମ୍ବର ହଜାରୀ ରାମ ବେହେରା, କାଇଁଚପୁର ସମିତି ମେମ୍ବର ଜୟକୃଷ୍ଣ ରେଡିଙ୍କ ସମେତ ଅନ୍ୟମାନେ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।



# ଆଜି ବି କମିନି ବିଜେଡିର ଲୋକପ୍ରିୟତା

ରଙ୍ଗେଇଲୁଣ୍ଡା,୪।୧୧:ଗୋପାଳପୁର ନିର୍ବାଚନ ମଣ୍ଡଳୀ ରେ ଆଜି ବିଜେଡି ପକ୍ଷରୁ ଏକ ବିଶାଳ ପଦଯାତ୍ରା ସ୍ଥାନୀୟ କନିସି ହାଟ ଠାରେ ଅନୁଷ୍ଠିତ ହୋଇଥିଲା । କେହି ବି ବିଶ୍ୱାସ କରି



ନଥିଲେ କି ଉକ୍ତ ଶୋଭାଯାତ୍ରା ରେ ଏତେ ସଂଖ୍ୟାରେ ରେ କର୍ମୀ, ମା ମାନେ ଯୋଗ ଦେବେ ବୋଲି, କାରଣ ଗୋପାଳପୁର ବିଜେଡି ମୁରବି ଶୂନ୍ୟ ହୋଇ ଯାଇଥିବା ଚର୍ଚ୍ଚା ହେବାରେ ଲାଗିଥିଲା । ଆଜିର ଉକ୍ତ ପଦଯାତ୍ରା ରେ ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷା ଙ୍କ ସମେତ ନିର୍ବାଚନ ମଣ୍ଡଳୀ ର ବିଜେଡି ର ବରିଷ୍ଠ ନେତା କୁହା ଯାଉଥିବା ମକ୍ଷ, ଭରତ ପାତ୍ର ଅନୁପସ୍ଥିତ ଥିବା ବେଳେ ପ୍ରାୟ ଆଗ ଧାଡି ର ପ୍ରତେକ ନେତା ଉପସ୍ଥିତ ଥିଲେ । ଆଜିର ଉକ୍ତ ଶୋଭାଯାତ୍ରା ଟି କନିସି ସ୍ଥିତ ପୁରୁଣା ତହସିଲ କାର୍ଯ୍ୟାଳୟ ଠାରୁ ବାହାରି ତୁଲୁ ରୋଡ଼ ସ୍ଥିତ ଏକ ପଡିଆ ଠାରେ ସମାପ୍ତ ହୋଇଥିଲା । ବିଜେଡି ର ବରିଷ୍ଠ ନେତା ମାନେ ଅର୍ଥାତ ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା, ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ର ମୋହନ ସରକାର ଙ୍କ ନିର୍ବାଚନ ପ୍ରତିଶୃତି ଗୁଡାକ ଧୂଆଁ ବାଣ ସହ ତୁଳନା କରିବା ସହ ନବୀନ ସରକାର ଙ୍କ ଲୋକପ୍ରିୟତା ଆଜିର ଦିନରେ ବି ରହିଥିବା ଆଜିର ଉକ୍ତ ପଦଯାତ୍ରା ରେ ଦେଖିବାକୁ ମିଳିଲା ବୋଲି କହିଥିଲେ । ଜନମତ କୁ ବିଜେଡି ନମ୍ରତା ସହ ଗ୍ରହଣ କରୁଛି ଏବଂ ଆଗାମୀ ନିର୍ବାଚନ ରେ ବିଜେଡି ପୁଣି କ୍ଷମତା ଦଖଲ କରିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ । ଆଜିର ଉକ୍ତ ପଦଯାତ୍ରା ରେ ବ୍ଲକ ବିଜେଡି ସଭାପତି ଅଜିତ କୁମାର ଦାସ, ଜିଲ୍ଲା ପରିଷଦ ଦୀପକ ସାମନ୍ତ, ବରିଷ୍ଠ ସମାଜସେବୀ ରାମହରି ପାତ୍ର, ବରିଷ୍ଠ ନେତା ସୁବାଷ ମହାରଣା, ଯୁବ ନେତା ସୁବାଶିଷ ସାହୁ, ରଣ୍ଡା ସରପଞ୍ଚ ଅଜିତ ରାଉଳ, ପ୍ରକାଶ ସାମନ୍ତ,ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ମକ୍ଷ, ଦିଲେଶ୍ୱର ରେଡି, ଜିଲ୍ଲା ପରିଷଦ ଉପାଧାକ୍ଷା ରାଜେଶ୍ୱରୀ ଦୋରା ଙ୍କ ସମେତ ବହୁ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ ।

# ପ୍ରଶାନ୍ତ କୁମାର ନାୟକଙ୍କୁ ଡ଼କ୍ଟରେଟ ଉପାଧି



ଗଞ୍ଜାମ, ୪।୧୧:ଗଞ୍ଜାମ ବ୍ଲକ ର ପୂର୍ବତନ ଅଧକ୍ଷ ଆଇନଜୀବୀ ପ୍ରଶାନ୍ତ କୁମାର ନାୟକଙ୍କୁ ସମାଜସେବା କ୍ଷେତ୍ରରେ ଡ଼କ୍ଟରେଟ ଉପାଧି ମିଳିଥିବା ଜଣାପଡ଼ିଛି ।ଯାହାକୁନେଇ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ସେ ଗଞ୍ଜାମ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ଛାତ୍ର ସଂସଦ ସଭାପତି ଭାବେ ନିର୍ବାଚିତ ହୋଇ ରାଜନୀତି କ୍ଷେତ୍ରରେ ଏଣ୍ଟ୍ରି ମାରିଥିଲେ । ସେହିଦିନ ଠାରୁ ସାମୁହିକ ବିକାଶ କାର୍ଯ୍ୟ ପାଇଁ ମନ ନିବେଶ କରି ସମାଜସେବାକ୍ଷେତ୍ରରେ ନିଜକୁ ନିୟୋଜିତ କରି ଉଚ୍ଚ ପ୍ରଶଂସନୀୟ ହୋଇପାରିଛନ୍ତି । ସେ ବର୍ତ୍ତମାନ ରାଜ୍ୟ ଫୁଡ କର୍ପୋରେସନ ଇଣ୍ଡିଆର ସଦସ୍ୟ, ରାଜ୍ୟ ଓବିସି ମୋର୍ଚ୍ଚାର ଉପସଭାପତି ରହିଥିବା ବେଳେ ଭାଜପାର ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱରେ ରହିଛନ୍ତି ।

# ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ସହାୟକ ଉପକରଣ ନିର୍ଦ୍ଧାରଣ ଶିବିର

ଅନୁଗୋଳ,୪।୧୧:ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଠାରେ ଅନ୍ତର୍ନିବେଶୀ ଶିକ୍ଷା ବିଭାଗ, ସମଗ୍ର ଶିକ୍ଷା ଅନୁଗୋଳ ଙ୍କ ଆନୁକୂଲ୍ୟରେ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ସହାୟକ ଉପକରଣ ନିର୍ଦ୍ଧାରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ଲୋପାମୁଦ୍ରା ପଟ୍ଟନାୟକ ଉଦଘାଟନ କରି ଭିନ୍ନକ୍ଷମ ପିଲାମାନେ କିପରି ସହଜ ଓ ସୁବିଧାରେ ସହାୟକ ଉପକରଣ ପାଇପାରିବା ଉପରେ ଆଲୋକପାତ କରିଥିଲେ । ଉକ୍ତ ଶିବିରରେ ପାୟ ୧୨୦ ଜଣ ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକ ମାନେ ନାମ ପଞ୍ଜିକରଣ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ସାଧନ କର୍ମୀ ପତିତପାବନ ବାଡିଆ। ଓ ରଘୁନାଥ ବାରିକ ମହୋଦୟ ସୁରୁରୁ ରୂପେ ପରିଚାଳନା କରିଥିଲେ ଏବଂ ଏଥିରେ ଅନ୍ତ ନିର୍ବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ ।



# ଜାତୀୟ ପ୍ରେସ ଦିବସ ପାଳନ ଉପଲକ୍ଷେ ଖୋର୍ଦ୍ଧା ଜ଼ିଲ୍ଲା ପ୍ରେସ କ୍ଲବ ପକ୍ଷରୁ ପ୍ରସ୍ତୁତି ବୈଠକ



ଖୋର୍ଦ୍ଧା,୪।୧୧: ଆସନ୍ତା ନଭେମ୍ବର ୧୬ ତାରିଖ ରେ ଜାତୀୟ ପ୍ରେସ ଦିବସ ପାଳନ ଉପଲକ୍ଷେ ଜ଼ିଲ୍ଲା ପ୍ରେସ କ୍ଲବ ଖୋର୍ଦ୍ଧା ପକ୍ଷରୁ ଏକ ପ୍ରସ୍ତୁତି କାଳୀନ ବୈଠକ ସାମ୍ବାଦିକ ଭବନ ଠାରେ ପ୍ରେସ କ୍ଲବ ର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିବା ଏହି ବୈଠକ ରେ ପ୍ରେସ କ୍ଲବ ର ସଭାପତି ଶ୍ରୀଯୁକ୍ତ ସାମନ୍ତରାୟ ଜାତୀୟ ପ୍ରେସ ଦିବସ ପାଳନ କିପରି ଭାବରେ କରାଯିବ ସେ ସମ୍ପର୍କ ରେ ସମ୍ୟକ ସୂଚନା ଦେଇଥିଲେ । କ୍ଲବ ର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ତପନ କୁମାର ନାୟକ ଜାତୀୟ ପ୍ରେସ ଦିବସ ଟିକୁ କିପରି ଭାବରେ ପାଳନ କରାଯିବ ଏବଂ ଅତିଥି ଚୟନ ସମ୍ପର୍କ ରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ପ୍ରେସ କ୍ଲବ ର ଆଇନ ପରାମର୍ଶଦାତା ଅବ୍ୟକ୍ତ ହରି ହର ଖାଡ଼ଙ୍ଗା, ଉପ-ସଭାପତି ପ୍ରସନ୍ନ କୁମାର ପାଇକରାୟ, ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରବୀଣ ଭଞ୍ଜ, ରଞ୍ଜିତ ସାମନ୍ତରାୟ,କ୍ଲବ ର ପରିଚାଳନା ପରିଷଦ ସଦସ୍ୟ ପ୍ରକାଶ କୁମାର ହାତୀ, ପ୍ରଭାତ ପାଣିଗ୍ରାହୀ,ସୟଦ ଲିୟାକତ ଅଲ୍ଲୀ,ଲକ୍ଷ୍ମୀନାରାୟଣ ମହାପାତ୍ର,ଆକାଶ କୁମାର ବିଶ୍ୱାଳ, ରଞ୍ଜିତ କୁମାର ପାଟଶାଣୀ, ସେକ ଆର୍ଶକ୍ଷଦୁଲ ହକ, ସେକ ଆବ୍ରାଉଲ ହକ, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ,ମହମ୍ମଦ ମୋତାହାର ୟୁସୁଫ, ପ୍ରମୋଦ ମହାପାତ୍ର, ଶରତ ବାରିକ, ଅୟସ ମହାନ୍ତି, ରାମଚନ୍ଦ୍ର ଜୁଝାର ସିଂହ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରି ନିଜ ନିଜର ବହୁ ମୂଲ୍ୟ ମତାମତ ଉପସ୍ଥାପନ କରିଥିଲେ । ଜାତୀୟ ପ୍ରେସ ଦିବସ ଦିନ ଖୋର୍ଦ୍ଧା ସାମ୍ବାଦିକ ଭବନ ଠାରେ ଏକ ସଭା ର ଆୟୋଜନ ସହିତ ପ୍ରେସ କ୍ଲବ ର ସଦସ୍ୟ / ସଦସ୍ୟା ମାନଙ୍କୁ ପରିଚୟପତ୍ର ବଣ୍ଟନ, ସମ୍ବାଦପତ୍ର ଗୁଡିକ ର ପ୍ରଦର୍ଶନ, ସୂଚନା ପତ୍ରିକା ର ଉନ୍ମୋଚନ ଏବଂ ଖୋର୍ଦ୍ଧା ଜ଼ିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କୁ ମୁଖ୍ୟଅତିଥି ଙ୍କ ଦ୍ୱାରା ଫଳ ବଣ୍ଟନ ପ୍ରଭୃତି କାର୍ଯ୍ୟକ୍ରମମାନ କରାଯିବ ବୋଲି ପ୍ରେସ କ୍ଲବ ର ସଭାପତି ଶ୍ରୀଯୁକ୍ତ ସାମନ୍ତରାୟ ଘୋଷଣା କରିବା ସହିତ ଏହିକାର୍ଯ୍ୟକ୍ରମ କୁ ସଫଳ କରିବା ନିମନ୍ତେ ପ୍ରେସ କ୍ଲବ ର ସମସ୍ତ ସଦସ୍ୟ / ସଦସ୍ୟା ଙ୍କ ସହଯୋଗ କାମନା କରିଥିଲେ ।

# କପିଳାଭଟାରେ ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଯାପିତ

ବଙ୍ଗୋମୁଣ୍ଡା,୪।୧୧:ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଳାଭଟା ଗ୍ରାମ ରେ ଚାଲିଥିବା ଗିରିଗୋବର୍ଦ୍ଧନ ମହୋତ୍ସବ ଉଦଯାପିତ ହୋଇଯାଇଛି ।ଆୟୋଜିତ ଉଦଯାପନୀ ଉତ୍ସବ ରେ ଗିରିଗୋବର୍ଦ୍ଧନ ମହୋତ୍ସବ କମିଟୀ ର ସଭାପତି କର୍ଣ୍ଣ ହଂସ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ କପିଳାଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଟଙ୍କଧର ବିଶ୍ୱାଳ,ସମ୍ମାନୀୟ ଅତିଥି ଭାବେ ସମାଜସେବୀ ଭୁରିଶ୍ରବା ବିଶି, ପଙ୍କଜ ବିଶି, ନୀଳମଣି ବିଶି, ଶୋଭା ହଂସ, ତାଲଭଟା ଗୌନ୍ତିଆ। ବୃନ୍ଦାବନ ବେହେରା, ରାମଚନ୍ଦ୍ର ହଂସ, କୋଷାଧକ୍ଷ ବୀର ହଂସ, ପରମାନନ୍ଦ ଛତ୍ରିଆ। ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଗ୍ରାମ ରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। କିପରି ସମାଧାନ ହେବ ସେ ସମ୍ପର୍କ ରେ ଆଲୋଚନା ହୋଇଥିଲା । ଗାଁ ରେ ଗିରିଗୋବର୍ଦ୍ଧନ ମହୋତ୍ସବ ହେବା ଦ୍ୱାରା ଲୋକ ଙ୍କୁ ବାନ୍ଧି ରଖିଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସର ରେ ଅଞ୍ଚଳ ର ଯୁବ କଣ୍ଠଶିଳ୍ପୀ ରାସବିହାରୀ ଘିଭେଲା ଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ସାମ୍ବାଦିକ ହୁଲେଶ୍ୱର ହଂସ ସଭା ସଂଯୋଜନା କରିଥିଲେ । ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକ ମାନେ ଉପଭୋଗ କରିଥିଲେ । ତିନି ଦିନ ଧରି ଏହି ମହୋତ୍ସବ ହୋଇଥିବା ରୁ ବହୁ ଲୋକ ଙ୍କ ସମାଗମ ହୋଇଥିଲା । ଆୟୋଜକ କମିଟୀ ର ସମସ୍ତ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ ।



# ସଂଜୟ ନୁହେଁ ସେ ଥିଲେ ସଂଯୋଜନାର ସେତୁ : ମୁଖ୍ୟ ଅତିଥି

ମାହାଙ୍ଗା, ୪।୧୧:ମାହାଙ୍ଗା ବ୍ଲକର ନାହାଙ୍ଗ ପଂଚାୟତ ଅର୍ନ୍ତଗତ ନାହାଙ୍ଗ ଠାରେ ସ୍ୱର୍ଗତ ସଂଜୟ ମହାନ୍ତିଙ୍କ ଏକାଦଶାହ ଅବସରରେ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ କିଟ୍,କିମ୍ସ ଓ କିସ୍‌ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ ଯୋଗଦେଇ ସଂଜୟ ମହାନ୍ତିଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହ ସଂଜୟ ନୁହେଁ ସେ ସଂଯୋଜନାର ସେତୁ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଜ୍ୟୋତରଂଜନ ମହାନ୍ତି ଗୀତା ପାଠ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚୌ.ରମାକାନ୍ତ ପ୍ରହରାଜ,ଅଧ୍ୟାପକ ପ୍ରଫୁଲ୍ଲ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ,ଦୈତାରୀ ସାହୁ, ସାରଦା ପ୍ରସାଦ ମିଶ୍ର, ପବିତ୍ରମୋହନ ପ୍ରଧାନ, ବିଜୟ କୁମାର ସାମଲ,ଶିଶୁସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, ପ୍ରଫୁଲ୍ଲ କୁମାର ସାହୁ, କବି ପ୍ରଫୁଲ୍ଲ କୁମାର ସିଂ, ଅବସରପ୍ରାପ୍ତ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁ,ସୁବଳଚରଣ ସାହୁ, ପ୍ରସନ୍ନ କୁମାର ସାହୁ,ପ୍ରମୋଦ କୁମାର ପୃଷ୍ଟି,ପ୍ରଫୁଲ୍ଲ ତ୍ରିପାଠି, ମାଧବ ବେହେରା,ଗୋବିନ୍ଦ ଚନ୍ଦ୍ର ପୃଷ୍ଟି,ବିବେକାନନ୍ଦ ଦାସ,ନିରଂଜନ ରାୟ,ସମରେନ୍ଦ୍ର ସାହୁ, ପ୍ରଦିପ କୁମାର ମହାପାତ୍ର,ସରୋଜ ଜେନା, ପ୍ରିୟଙ୍କା ରାୟ,ଶିକ୍ଷକ ପୁରୁଷୋତ୍ତମ ସେଠୀ, ବିଜୟ କୁଅଁର, ସତ୍ୟାନନ୍ଦ ସାହୁ,ଗଗନେନ୍ଦୁ ଦାସ, ଜିତେନ୍ଦ୍ର କୁମାର ପଟ୍ଟନାୟକ,ପ୍ରମୋଦ କୁମାର ସାହୁ,ଅଲେଖ ପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ସଂଜୟ କୁମାର ମହାନ୍ତିଙ୍କ ବିଭିନ୍ନ କାର୍ଯ୍ୟ ଏପରିକି ହନୁମାନ ଜୟନ୍ତୀ ପାଳନ,କଳିଙ୍ଗଭାରତୀ ଫାଉଣ୍ଡେସନ୍‌ର ବିଭିନ୍ନ କାର୍ଯ୍ୟକ୍ରମ,ଆର୍‌ଏସ୍‌ଏସ୍‌ର ବିଭିନ୍ନ କାର୍ଯ୍ୟକ୍ରମ,ସ୍ଥାନୀୟ ଅଂଚଳର ବିଭିନ୍ନ ସମସ୍ୟା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଉଥିଲେ। ତାଙ୍କ ଆଦର୍ଶରେ ଯୁବସମାଜ ଅନୁପ୍ରାଣୀତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଷିତିସ୍ ମହାନ୍ତି ,ପ୍ରିତୀ ମହାନ୍ତି, ପ୍ରତିମା ମହାନ୍ତି, ସସ୍ମିତା ମହାନ୍ତି ସହଯୋଗ କରିଥିଲା ବେଳେ ରଶ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ସଂଜୟ କୁମାର ମହାନ୍ତିଙ୍କ ବହୁ ସହପାଠୀ ଓ ସହପାଠକ ଏବଂ ସ୍ଥାନୀୟ ଅଂଚଳର ବହୁ ବ୍ୟକ୍ତି ଯୋଗଦେଇଥିଲେ।

# ଅବ୍ୟବସ୍ଥାରେ ଶେଷ ହେଲା ମାହାଙ୍ଗାରେ ଶିଶୁ ମହୋତ୍ସବ : ଖରାରେ ସିଝିଲେ ପିଲା

ମାହାଙ୍ଗା,୪।୧୧:ମାହାଙ୍ଗା ବ୍ଲକ ମଣ୍ଡଳସ୍ତରୀୟ ଶିଶୁମହୋତ୍ସବ ୨୦୨୪ ତା ୩.୧୧.୨୦୨୪ରିଖ ରବିବାର ଦିନ ହନୁମାନଜୀଉ ବିଦ୍ୟାନିକେତନ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଣିଗୋଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ଶାଷ୍ମାସିକ ପରୀକ୍ଷା ଗତ ୨୮ତାରିଖରୁ ଆରମ୍ଭ ହୋଇ ତା୪.୧୧.୨୪ରିଖରେ ଶେଷ ହେବ। ୫ତାରିଖ ଦିନ ଏନ୍‌ଆର୍‌ଟିଏସ୍ ପରୀକ୍ଷା ଓ ୬ତାରିଖ ଦିନ ବୃତ୍ତି ପରୀକ୍ଷା କରାଯିବ ବୋଲି ଜଣାପଡିଥିଲା ବେଳେ ୩ତାରିଖ ରବିବାର ଦିନ ତରବରିଆ ଭାବେ ଶିଶୁ ମହୋତ୍ସବ ସୁରଭି-୨୦୨୪କୁ ପାଳନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପିଲାଙ୍କ ପରୀକ୍ଷା ଚାଲିଥିଲା ବେଳେ କାହା ସ୍ୱାର୍ଥରେ ମଣ୍ଡଳସ୍ତରୀୟ ଶିଶୁମହୋତ୍ସବ ସୁରଭି ପାଳନ କରାଗଲା। ଅପରପକ୍ଷେ ଖରାରେ



ପିଲାମାନଙ୍କୁ ସିଝିବାକୁ ପଡିଥିଲା। ପିଲାମାନଙ୍କ ଖାଇବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନଥିଲା। ପିଲାମାନେ ପଡିଆ ଭିତରେ ଅପରିଷ୍କାର ସ୍ଥାନମାନଙ୍କରେ ବସି ଖାଉଥିବା ଦେଖିବାକୁ ମିଳିଥିଲା। ସଂପୂର୍ଣ୍ଣ ଅବ୍ୟବସ୍ଥା ଘେରରେ ଶିଶୁ ମହୋତ୍ସବ ପାଳନ କରାଯାଇଥିଲା। ଏହି ମହୋତ୍ସବ ପାଳନ ପୂର୍ବରୁ କରା ନଯାଇ କ'ଣ ପାଇଁ ପରୀକ୍ଷା ସମୟରେ ପାଳନ କରାଗଲା। ଫଳରେ ବହୁ ଛାତ୍ରଛାତ୍ରୀମାନଙ୍କର ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥିବାରୁ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀଙ୍କ ମନମୁଖୀ କାର୍ଯ୍ୟଯୋଗୁ ମାହାଙ୍ଗା ଅଂଚଳରେ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ପାଠପଢ଼ା ଠିକ୍ ଭାବରେ ହେଉ ନଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତୁରନ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ବଦଳି କରାଯିବା ସହ ଏହି ଘଟଣା ପ୍ରତି ରାଜ୍ୟମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଅଭିଭାବକ ମହଲରେ ଦାବି ହେଉଛି।

# ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ

କଳାହାଣ୍ଡି,୪।୧୧:କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ହାବସପୁର ଠାରେ ବ୍ଲକ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭିକ ପର୍ଯ୍ୟାୟ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ତପନ ମାଝୀ ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିକାଶ ରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଶାମୁକା ରାଣୀ କୁମାର,, ଜୁନାଗଡ଼ ହାଇସ୍କୁଲର ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, ବରିଷ୍ଠ ଶିକ୍ଷାବିତ ସୀମାଞ୍ଚଳ ନାଗ, ଶିକ୍ଷାବିତ ସହଦେ ପଣ୍ଡା,ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ନାଏକ, ସ୍ଥାନୀୟ ପ୍ରଧାନ ଶିକ୍ଷକ ଅଟଳ ପଣ୍ଡା,ରାଜେଶ ମୁଣ୍ଡ, ପ୍ରମୁଖ ମଞ୍ଚାସିନ ଥିଲେ । ଏହି ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଅନେକ ବିଦ୍ୟାର୍ଥୀ ଭାଗ ନେଇ ନିଜ ନିଜର ପ୍ରକଳ୍ପ ସହ ବିଦ୍ୟାଳୟ ମାନଙ୍କର ପ୍ରକଳ୍ପ ଗୁଡିକେ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକର ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ସାହର ସହ ଭାଗ ନେଇଥିଲେ । ଅଞ୍ଚଳରେ ବିଜ୍ଞାନର ଉନ୍ନତି ସହ ଶିକ୍ଷାକୁ ଆଗେଇ ନେବାକୁ ଯତ୍ନବାନ ହେବାପାଇଁ ସରପଞ୍ଚ ବିକାଶ ରଞ୍ଜନ ରଞ୍ଜନ ପଣ୍ଡା ଆହ୍ୱାନ ଦେଇଥିଲେ ।




# ଦୁଇ ଦିନିଆ ବୈଷ୍ଣବ ପରିଡା ମେମୋରିଆଲ ଜିଲ୍ଲାସ୍ତରୀୟ ଚେସ ଚମ୍ପିୟନସିପ୍ ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୪।୧୧:କେନ୍ଦ୍ରାପଡା ତୁଳସୀ ମହିଳା ମହାବିଦ୍ୟାଳୟରେ ଦୁଇ ଦିନିଆ ଡକ୍ଟର ବୈଷ୍ଣବ ପରିଡା ମେମୋରିଆଲ ଜିଲ୍ଲା ସ୍ତରୀୟ ଚେସ ଚମ୍ପିୟନସିପ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଡ. ସୌଭାଗ୍ୟ ପରିଡା ଓ ସମ୍ମାନିତ ଅତିଥି ଭାବେ ତୁଳସୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ରଞ୍ଜିତ ରଞ୍ଜନ ସାହୁ, ନବୋଦୟ ବିଦ୍ୟାଳୟର ଅଧକ୍ଷ ରୁଦ୍ରନାରାୟଣ ସାହୁ, କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବ ନାରାୟଣ ସାହୁ, ଯାଜପୁର ଜିଲ୍ଲା ଚେସ୍ ଆସୋସିଏସନର ସମ୍ପାଦକ ମନୋଜ କୁମାର ପରିଡା, ରାଜ୍ୟ ଚେସ୍ ସଂଘର ସମ୍ପାଦକ ଦେବବ୍ରତ ଭଞ୍ଜ. ଶିଶୁରୋଗ ବିଶେଷଜ୍ଞ ଡା. ପ୍ରିୟବ୍ରତ ପରିଡା ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗିମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଏକଶହ ପ୍ରତିଯୋଗୀ ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# ବିଜେଡିରୁ ଇସ୍ତଫା ଦେଲେ ୭ ସମିତି ସଭ୍ୟ

ମାଲକାନଗିରି ,୪।୧୧:ଦୀର୍ଘ ଅଢେଇ ବର୍ଷ ହେଲା କୋରୁକୋଣ୍ଡା ବ୍ଲକ ର ନିର୍ବାଚିତ ୧୨ଗୋଟି ପଞ୍ଚାୟତ ର ସମିତି ସଭ୍ୟ ସଭ୍ୟା ଙ୍କୁ ପଞ୍ଚାୟତଗୁଡ଼ିକର ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟ ତଥା ବିଭିନ୍ନ ସମସ୍ୟା ର ସମାଧାନ କୁ ନେଇ ସମସ୍ତ ସରକାରୀ ଓ ରାଜନୈତିକ ସହାୟତା ଲୋଡ଼ି ଥିଲେ ମଧ କୌଣସି ସୁଫଳ ମିଳିନଥିବା ଓ ପ୍ରତ୍ୟେକ କ୍ଷେତ୍ରରେ ଅପମାନିତ,ନିନ୍ଦିତ ଓ ଅଣଦେଖା କରାଯାଉଥିବା ନେଇ ବିଜେଡ଼ି ଦଳରୁ ଇସ୍ତଫା ଦେଇଛନ୍ତି ୭ ସମିତି ସଭ୍ୟ ସଭ୍ୟା । ସମିତି ସଭ୍ୟସଭ୍ୟା ଙ୍କ କହିବା ଅନୁଯାୟୀ କୋରୁକୋଣ୍ଡା ବ୍ଲକ୍ ର କିଛି ମୁଷ୍ଟିମେୟ ଲୋକଙ୍କ ଯୋଗୁଁ କୋରୁକୋଣ୍ଡା ବ୍ଲକ୍ ର ୧୨ ଗୋଟି ପଞ୍ଚାୟତର ଉନ୍ନତି ହୋଇପାରୁନାହିଁ। ଗଣତନ୍ତ୍ର ଶାସନକୁ ସେମାନେ ବ୍ୟବସାୟରେ ପରିଣତ କରିଅଛନ୍ତି ବୋଲି ମତ ପ୍ରକାଶ କରିଛନ୍ତି । କାର୍ଯ୍ୟ ଖସଡ଼ା ହେଉ ଉନ୍ନତମୂଳକ କାର୍ଯ୍ୟ ଖସଡ଼ା ହେଉ କି ସମିତି ସଭ୍ୟସଭ୍ୟା ଦେଇଥିବା ପ୍ରସ୍ତାବକୁ ସବୁ ବେଳେ ଅଣଦେଖା କରି ସରକାର ଙ୍କ ନିୟମକୁ ଅମାନ୍ୟ କରିବା ସହିତ ନିଜ ଇଚ୍ଛାରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ଓ ଉନ୍ନୟନମୂଳକ କାର୍ଯ୍ୟ ନିଜସ୍ୱ ଇଚ୍ଛାରେ ବଣ୍ଟନ କରନ୍ତି ବୋଲି ଦଳୀୟ କର୍ମୀ ସତ୍ୟ ପାଣିଗ୍ରାହୀ ଓ ଜିତୁ ବୁରୁଡିଙ୍କ ଏ ଭଳି କାର୍ଯ୍ୟ କଳାପ କୁ ସେମାନେ ବିରୋଧ କରିବାକୁ ନେଇ ପ୍ରକାଶ କରିଛନ୍ତି । ଏହି ସବୁକୁ ଆଧାର କରି ଗତ ୨୩ ଅକ୍ଟୋବର ଦିନ ବ୍ଲକ୍ ଅଧକ୍ଷ ଜିତୁ ବୁରୁଡିଙ୍କ ନା ରେ ଅନସ୍ତା ପ୍ରସ୍ତାବ ଦେଇଥିଲେ । କିନ୍ତୁ ଏଥିରେ ସଫଳ ନହେବାରୁ ସମସ୍ତ ସଭ୍ୟସଭ୍ୟା ସତ୍ୟ ପାଣିଗ୍ରାହୀ ଓ ଜିତୁ ବୁରୁଡିଙ୍କ ମନମୁଖୀ କାର୍ଯ୍ୟରେ ଅତିଷ୍ଠ ହୋଇ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ସମିତି ସଭ୍ୟସଭ୍ୟା ଙ୍କ କହିବା ଅନୁସାରେ ଆମେ ଦଳକୁ ନିନ୍ଦା କରୁନାହୁ କିନ୍ତୁ ଏହି ୨ଜଣଙ୍କ ପାଇଁ ଆମେ ଦଳ ଛାଡ଼ିବାକୁ ବାଧ ହେଲୁ ଏବଂ କୋରୁକୋଣ୍ଡା ବ୍ଲକ୍ ରେ ଏହି ଦୁଇ ଜଣ ଦଳର ବିପର୍ଯ୍ୟୟ ର କରଣ ବୋଲି ଦର୍ଶାଇଛନ୍ତି । ଇସ୍ତଫା ଦେଇଥିବା ସମିତି ସଭ୍ୟସଭ୍ୟା ହେଲେ, କୋରୁକୋଣ୍ଡା ପଞ୍ଚାୟତ ସମିତି ଉପାଧକ୍ଷ ମାନସିକ ପଡିଆମି, କାମୱାଡ଼ା ପଞ୍ଚାୟତ ସମିତି ସଭ୍ୟା ରିନା ମାଡକାମି, ମାରିୱାଡ଼ା ପଞ୍ଚାୟତ ର ଇର୍ମା ମାଡ଼ି, ନିଳାକାମ୍ବେରୁ ପଞ୍ଚାୟତ ର ପଦିଆ। ସୋଢି, ପୁରୁଣା ଚିମଟାପାଲୀ ପଞ୍ଚାୟତ ର ମଦନା ପାମୀଆ।, ତାର୍ଲାକୋଟା ପଞ୍ଚାୟତର ପର୍ଶୁରାମ ଖେମୁଣ୍ଡୁ, ସୋମନାଥପୁର ପଞ୍ଚାୟତ ର ଲୋଇଚନ ଶିସା ପ୍ରମୁଖ ଇସ୍ତଫା ଦେବା ସହିତ ଇସ୍ତଫା ପାତ୍ର ର ନକଲ ରାଜ୍ୟ ବିଜେଡ଼ି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ଙ୍କ ପାଖକୁ ପଠାଇଛନ୍ତି ବୋଲି କହିଛନ୍ତି । ଆଗାମୀ ଦିନରେ ଦେଖିବାକୁ ବାକି ରହିଲା ଯେ ବିଜେଡ଼ି କିଭଳି ଭାବରେ ବିଜେଡ଼ି ସଂଗଠନ କୁ ସୁଦୃଢ଼ କରିବା ପାଇଁ କିଭଳି ପଦକ୍ଷେପ ନେଉଛି । ଏନେଇ କୋରୁକୋଣ୍ଡା ଅଧକ୍ଷ ଜିତୁ ବୁରୁଡ଼ି ଙ୍କୁ ପଚାରିବାରୁ କହିଥିଲେ ଯେ ଏଭଳି ଅଭିଯୋଗ ଭିତ୍ତିହୀନ, କିଛି ଅଣସାଂଗଠନିକ ଲୋକ ମୋ ଉପରେ ଏଭଳି ଅଭିଯୋଗ କରୁଛନ୍ତି ବୋଲି ମତ ପ୍ରକାଶ କରିଛନ୍ତି ।



ସୋମବାର, ୦୪ ନଭେମ୍ବର ୨୦୨୪, ଭୁବନେଶ୍ୱର
MONDAY, 04 NOVEMBER 2024 BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# କୂଟନୈତିକ ତିକ୍ତତା

ଭାରତ ଓ କାନାଡ଼ା ମଧ୍ୟରେ ଗତ ବର୍ଷେ ହେବ କୂଟନୈତିକ ସମ୍ପର୍କରେ ତିକ୍ତତା ପରିଲକ୍ଷିତ ହେଉଛି। ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜର ହତ୍ୟା ଘଟଣା ପରେ ଏହି ତିକ୍ତତା ଅତି ମାତ୍ରାରେ ବଢ଼ିଯାଇଛି। କାନାଡ଼ା ସରକାର ବିନା ପ୍ରମାଣରେ ଦାବି କରୁଛନ୍ତି ଯେ, ନିଜ୍ଜର ହତ୍ୟାରେ ଭାରତର ହାତ ରହିଛି। ଏହାର ପ୍ରମାଣ ଉପସ୍ଥାପନରେ କାନାଡ଼ା ବିଫଳ ହୋଇଛି। ଏବେ କାନାଡ଼ାର ଉପ-ବୈଦେଶିକ ମନ୍ତ୍ରୀ ଡେଭିଡ ମୋରିସନ ଏକ ନୂଆ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, କାନାଡ଼ାର ନାଗରିକ କଲିସ୍ତାନୀ ଆତଙ୍କବାଦୀଙ୍କୁ ହତ୍ୟା କରିବାକୁ ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ନିର୍ଦ୍ଦେଶ ଦେଇଛନ୍ତି। ଏହା ଏକ ଅତି ଦାୟିତ୍ୱହୀନ ମନ୍ତବ୍ୟ। ଗୋଟିଏ ପଟେ କାନାଡ଼ା ସ୍ୱୀକାର କରୁଛି ଯେ, ନିଜ୍ଜର ଜଣେ ଖଲିସ୍ତାନୀ ଆତଙ୍କବାଦୀ ଥିଲା। ଅନ୍ୟ ପଟେ ତାର ହତ୍ୟା ପାଇଁ ଭାରତକୁ ନିନ୍ଦା କରୁଛି। ଜଣେ ଆତଙ୍କବାଦୀକୁ ଭାରତ କ'ଣ ପୂଜା କରିବ? ଦ୍ୱିତୀୟରେ ହତ୍ୟାକାଣ୍ଡ କାନାଡ଼ାରେ ହୋଇଛି। ଏଥିରେ ସମ୍ପୃକ୍ତ ଅପରାଧୀକୁ କାନାଡ଼ା ପୋଲିସ ଧରିବାରେ କ'ଣ ଅସୁବିଧା ଅଛି? ଯଦି ନିଜ୍ଜରକୁ ଭାରତରେ ହତ୍ୟା କରାଯାଇଥାଆନ୍ତା ତବେ ଭାରତ ସରକାର ଏହାର ଦାୟିତ୍ୱ ନିଜ ମୁଣ୍ଡକୁ ନେଇଥାଆନ୍ତେ। ଅମିତ ଶାହାଙ୍କୁ କାନାଡ଼ା ଦୋଷ ଦେବା କଣ୍ଟାବାଡ଼ରେ ଲୁଗା ପକାଇ କଳି କରିବା ସହ ସମାନ। ଭାରତ ଓ କାନାଡ଼ା ବିଶ୍ୱର ଦୁଇଟି ବଡ଼ ଦେଶ। ଲୋକସଂଖ୍ୟା ଆଧାରରେ ଭାରତ ବହୁ ଆଗରେ। କିନ୍ତୁ ଆୟତନ ଦୃଷ୍ଟିରୁ କାନାଡ଼ା ଭାରତଠାରୁ ବଡ଼। ଅର୍ଥନୈତିକ ଦୃଷ୍ଟିରୁ କାନାଡ଼ା ଯଥେଷ୍ଟ ଆଗୁଆ। ଏହାର କାରଣ ହେଲା କାନାଡ଼ା ଏକ ବିଳ ଦେଶ ହୋଇଥିଲେ ମଧ୍ୟ ଏହାର ଜନସଂଖ୍ୟା ଯଥେଷ୍ଟ କମ। ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି। କିନ୍ତୁ ମୁଣ୍ଡପିଛା ଆୟ କମ। ଭାରତର ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ବ୍ୟକ୍ତିଙ୍କ ସଂଖ୍ୟା କାନାଡ଼ାର ମୋଟ ଜନସଂଖ୍ୟାଠାରୁ ଅଧିକ। କାନାଡ଼ା ଏକ କୃଷି ସମୃଦ୍ଧ ରାଷ୍ଟ୍ର। ଏହା ସହିତ ଏଠାରେ ଶିଳ୍ପ ବିକାଶ ମଧ୍ୟ ହୋଇଛି। ତେଣୁ ଅନେକ ଭାରତୀୟ କାନାଡ଼ାରେ ନିଯୁକ୍ତି ସୁଯୋଗ ପାଇ ସେଠାରେ ସ୍ଥାୟୀଭାବେ ବସବାସ କରନ୍ତି। ଅନେକ କାନାଡ଼ାର ନାଗରିକତ୍ୱ ମଧ୍ୟ ଗ୍ରହଣ କରିଛନ୍ତି। ସେଥିପାଇଁ କାନାଡ଼ାରେ ଶିଖ ଧର୍ମାବଲମ୍ବୀଙ୍କ ସଂଖ୍ୟା ଢେର ଅଧିକ। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଧନୀ ବା ସ୍ୱଚ୍ଛଳ ବର୍ଗର। ସେମାନେ ଭାରତରେ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରନ୍ତି। ସେମାନେ ହେଉଛନ୍ତି ଭାରତ ବିରୋଧୀ। ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ଦିବସରେ ସେମାନେ ଉତ୍ସବ ପାଳନ କରିବା ଏହାର ଉଦାହରଣ। ଭାରତ ସରକାର ଏହାର ପ୍ରତିବାଦ କରିଥିଲେ ମଧ୍ୟ କାନାଡ଼ା ସରକାର କେବେ ବି ଏହାର ଜବାବ ରଖି ନାହାଁନ୍ତି କିମ୍ବା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାଁନ୍ତି। କାନାଡ଼ାର ଆଭ୍ୟନ୍ତରୀଣ ବ୍ୟାପାରରେ ଭାରତ କେବେ ମୁଣ୍ଡ ଖେଳାଇନାହିଁ ବା ହସ୍ତକ୍ଷେପ କରିନାହିଁ। କିନ୍ତୁ ଭାରତରେ କୃଷକ ଆନ୍ଦୋଳନଠାରୁ ଆରମ୍ଭ କରି ଅନେକ ପ୍ରସଙ୍ଗରେ କାନାଡ଼ା ଅଯଥା ମନ୍ତବ୍ୟ ଦେଇଛି। ଏବେ ଭାରତର ଗୃହମନ୍ତ୍ରୀଙ୍କୁ ବିରୋଧର ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗ ଆଣିବା କାନାଡ଼ାର ଔଦ୍ଧତ୍ୟକୁ ପ୍ରମାଣିତ କରୁଛି। କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ରାଜନୈତିକ ଉଦ୍ଦେଶ୍ୟ ରଖି ଏବଂ ଶିଖ ସମ୍ପ୍ରଦାୟର ସମର୍ଥନ ପାଇବାକୁ ଏଭଳି ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କିନ୍ତୁ ଭାରତ ସହ ବିବାଦ କାନାଡ଼ା ପାଇଁ ମହଙ୍ଗା ପଡ଼ିବ। କାନାଡ଼ା ଉପରେ ଭାରତ କୌଣସି ଦୃଷ୍ଟିରୁ ନିର୍ଭରଶୀଳ ନୁହେଁ। କାନାଡ଼ା ସପକ୍ଷରେ ଆମେରିକା ବାହାରିଛି। କିନ୍ତୁ ଭାରତର ବିଶାଳ ବଜାର ବ୍ୟବସ୍ଥାକୁ ଛାଡ଼ିଲେ ଆମେରିକାର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡ଼ିବ। ଯଦି ଭାରତ ଆମେରିକା ବିରୋଧରେ ନିଷ୍ପତ୍ତି ନେବ, ତେବେ ଭାରତ ମହାସାଗରରେ ଆମେରିକା ପଶିପାରିବ ନାହିଁ। ଚୀନର ଆଧିପତ୍ୟକୁ କ୍ଷୁର୍ଣ୍ଣ କରିବା ନିମନ୍ତେ ଭାରତର ସହଯୋଗ ନିହାତି ଅପରିହାର୍ଯ୍ୟ। ଏହାକୁ ଆମେରିକା ଗୌଣ କରିପାରିବ ନାହିଁ।

# ବ୍ଲୁଟୁଥ

ଡ଼କ୍ଟର ତର୍ପନ କୁମାର ପାଲ

ବ୍ଲୁଟୁଥ ଏକ ୱେରଲେସ ଟେକ୍ନୋଲୋଜି। ଯାହାକି ସାରା ପୃଥିବୀରେ ବେଶ ଲୋକପ୍ରିୟ। ତେବେ ଜାଣନ୍ତିକି କମ ରେଞ୍ଜରେ ଥିବା ଡିଭାଇସକୁ ଯୋଡ଼ିବା ଲାଗି ବ୍ୟବହାର କରାଯାଉଥିବା ଏହି ଟେକ୍ନୋଲୋଜିର ନାମ ବ୍ଲୁଟୁଥ କାହିଁକି ହେଲା? ଜାଣନ୍ତୁ ସେ ସମ୍ପର୍କରେ।

ଦେଖିବାକୁଗଲେ ବ୍ଲୁଟୁଥର ଆକ୍ଷରିକ ଅର୍ଥ ହେଉଛି 'ନୀଳ ଦାନ୍ତ'। ଆଉ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏହି ନୀଳ ଦାନ୍ତ ଅଧାରାରେ ହିଁ ଏହି ଟେକ୍ନୋଲୋଜିର ନାମ ବ୍ଲୁଟୁଥ କରାଯାଇଛି। ଏହା ପଛରେ ଅଛି ଏକ ମଜାଦାର କଥା। ଡେନମାର୍କ ଓ ନରୱେରେ ଦଶମ ଶତାବ୍ଦୀ ବେଳକୁ ହେରାଲ୍ଡ ଗୋର୍ମସନ ଦାମକ ଜଣେ ରାଜା ଥିଲେ। ଯଦିଓ ତାଙ୍କର ଏହି ଆଧୁନିକ ଟେକ୍ନୋଲୋଜି ସହ କିଛି ବି ସମ୍ପର୍କ ନାହିଁ। ତଥାପି ତାଙ୍କ ନାମାନୁସାରେ ହିଁ ବ୍ଲୁଟୁଥର ନାମକରଣ ହୋଇଛି। ସାରା ପୃଥିବୀରେ ବ୍ୟବହାର କରାଯାଉଥିବା ଏହି ଟେକ୍ନୋଲୋଜି ପ୍ରାୟ ୨୮ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ୧୯୯୬ରେ ଯେବେ ଇନହେଲା ଏରିକ୍ସନ ଓ ନୋକିଆ ମିଶି ବ୍ଲୁଟୁଥ ଆବିଷ୍କାର କରିଥିଲେ ସେତେବେଳେ ଏହାର ନାମ ଅଫିସିଆଲି ବ୍ଲୁଟୁଥ ରଖାଯାଇନଥିଲା। ବରଂ ଏହାର ନାମ ଇଥରରେଡ଼ିଓ ୱାୟର ଅବା ପର୍ସନାଲ ଏରିଆ ନେଟୱର୍କିଂ ରଖାଯିବାର ଥିଲା। ବ୍ଲୁଟୁଥ ଆବିଷ୍କାର କରିଥିବା ଟିମର ସଦସ୍ୟ ଜିମ କାରଦାକ କିନ୍ତୁ ଏହାର ନାମ ବ୍ଲୁଟୁଥ ରଖିବାକୁ ପରାମର୍ଶ ଦେଇଥିଲେ। ତାଙ୍କ କହିବାନୁଯାୟୀ ଥରେ ସେ ଇତିହାସ ବହି ପଢୁଥିଲେ। ସେହି ବହିର ଏକ ଚରିତ୍ର ତାଙ୍କୁ ବହୁତ ପ୍ରେରଣାଦାୟକ ଲାଗିଥିଲା। ସେହି ଚରିତ୍ରଟି ଥିଲେ ଦଶମ ଶତାବ୍ଦୀର ଡେନମାର୍କର ରାଜା ହେରାଲ୍ଡ ବ୍ଲୁଟୁଥ ଗୋର୍ମସନ। ଏହି ରାଜା ସ୍କାଣ୍ଡିନାଭିଆନ ରାଜ୍ୟ ଗୁଡ଼ିକୁ ଯୋଡ଼ି ବା ଲାଗି ବେଶ ପ୍ରସିଦ୍ଧ ଥିଲେ। କାରଣ ସେ ଡେନମାର୍କର ପଡ଼ୋଶୀ ରାଜ୍ୟ ଗୁଡ଼ିକୁ ଯୋଡ଼ି ଗୋଟିଏ ରାଜ୍ୟରେ ଏକତ୍ରିତ କରିଥିଲେ। ବ୍ଲୁଟୁଥ ବି ବଭିନ୍ନ ଡିଭାଇସକୁ କନେକ୍ଟ କରିଥାଏ। ତେଣୁ ଏହି ଡିଭାଇସର ନାମକରଣ ତାଙ୍କ ନାମାନୁସାରେ ହେଉ ବୋଲି ଜିମ କାରଦାକ ପରାମର୍ଶ ଦେଇଥିଲେ। ଏହାବାଦ କିଙ୍ଗ ହେରାଲ୍ଡଙ୍କର ଏକ ଦାନ୍ତ ନଷ୍ଟ ହୋଇ ନୀଳରଙ୍ଗର ହୋଇଯାଇଥିଲା। ସେଥିପାଇଁ ତାଙ୍କର ଉପନାମ ବ୍ଲୁଟୁଥ ଥିଲା। ଆଉ ଏହି ଉପନାମାନୁସାରେ ହିଁ ଏହି ଡିଭାଇସର ନାମ ବ୍ଲୁଟୁଥ ରଖାଗଲା।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
E-mail : paltapankumar007@gmail.com

# ଭାରତର ପରିବର୍ତ୍ତିତ ୟୁରୋପ ନୀତି

ସୌମେନ୍ଦ୍ର ଜେନା

ଗତ କିଛିଦିନ ଧରି ଦେଖିଲେ ଆମେ ଜାଣିପାରିବା ଯେ ଭାରତକୁ ଜଣକପରେ ଜଣେ ଲେଖାଏଁ ୟୁରୋପର ନେତା ଗସ୍ତରେ ଆସି ଦ୍ୱିପାକ୍ଷିକ ଆଲୋଚନା କରି ବୁଝାମଣାପତ୍ରରେ ସ୍ୱାକ୍ଷର କରୁଛନ୍ତି। ଏହା ଅବଶ୍ୟ ଆକସ୍ମିକ ନୁହେଁ। କାରଣ ଚଳିତବର୍ଷ ନିର୍ବାଚନର ବର୍ଷ ହୋଇଥିବା ହେତୁ ଫେବୃଆରୀଠାରୁ ବୈଦେଶିକ ସଂପର୍କ ଓ ଗସ୍ତରେ ଯିବାପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ସମୟ ନଥିଲା କି ବାହାର ଦେଶର ନେତୃବୃନ୍ଦଙ୍କୁ ଭାରତକୁ ନିମନ୍ତ୍ରଣ କରିବା ସହଜ ବ୍ୟାପାର ନଥିଲା। ନିଜେ ପ୍ରଧାନମନ୍ତ୍ରୀ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ରହିଥିବା ହେତୁ ସମୟାଭାବ ଯୋଗୁ ଏଥିରେ ଅଧିକ ସଂପୃକ୍ତ ହେବାରେ ଅସୁବିଧା ଥିଲା। ତେଣୁ ବିଦେଶୀ ନେତୃବୃନ୍ଦଙ୍କ ଭାରତ ଗସ୍ତ କାର୍ଯ୍ୟକ୍ରମ ସାଧାରଣତଃ ସେପ୍ଟେମ୍ବର-ଅକ୍ଟୋବରକୁ ଧାର୍ଯ୍ୟ କରାଯାଇଥିଲା। ତେଣୁ ପୁରୁଣା କାର୍ଯ୍ୟକ୍ରମ ଅନୁଯାୟୀ ନୂଆ ସରକାରଙ୍କ ସହ ଆଲୋଚନା କରିବା ଲାଗି ଏବେ ଗସ୍ତ କାର୍ଯ୍ୟକ୍ରମ ବୃଦ୍ଧିପାଇବ। କିନ୍ତୁ ଆମେ ଯଦି ୟୁକ୍ରେନ ଯୁଦ୍ଧର ପରବର୍ତ୍ତୀ କାଳ ଓ କୋରୋନା ପରବର୍ତ୍ତୀ କାଳକୁ ସମୀକ୍ଷା କରିବା ତେବେ ଜାଣିପାରିବା ଯେ ଭାରତ କ୍ରମଶଃ ୟୁରୋପ ପ୍ରତି ଦୃଷ୍ଟିକୋଣ ବଦଳାଇବାରେ ଲାଗିଛି। ଋଷିଆଠାରୁ ତୈଳ କ୍ରୟ ବ୍ୟାପାର ହେଉ କିମ୍ବା ୟୁରୋପକୁ ଖାଦ୍ୟାନ୍ନ ଯୋଗାଣ ଉପରେ କଟକଣା ଜାରି କରାଯିବା ହେଉ, ୟୁରୋପ ସିଭିଲ ସୋସାଇଟୀ ନାମରେ ଭାରତର ରାଷ୍ଟ୍ରନୀତିକୁ ପ୍ରଭାବିତ କଲାପରି କାର୍ଯ୍ୟକୁ ଆର୍ଥିକ ସହାୟତା ପ୍ରଦାନ ହେଉ, ଏସବୁଥିରେ ଭାରତ ୟୁରୋପ ପ୍ରତି ଦିନକୁ ଦିନ କଠୋର ନୀତି ଗ୍ରହଣ କରିବାରେ ଲାଗିଛି। ମରିସସ୍‌ର ଦ୍ୱୀପକୁ ବ୍ରିଟେନର ନିୟନ୍ତ୍ରଣରୁ ମୁକ୍ତ କରିବା ମାମଲା ହେଉ, ଋଷିଆଠାରୁ ପ୍ରତିରକ୍ଷା କ୍ରୟ ହେଉ, ଭାରତୀୟ ମୁଦ୍ରାରେ ବାଣିଜ୍ୟ କାରବାର, ୟୁପିଆଇକୁ ଗ୍ରହଣ କରାଯିବା ପରି ନାନାଦି ପ୍ରସଙ୍ଗରେ ଭାରତ ୟୁରୋପ ପ୍ରତି ପୂର୍ବପରି ଦୁର୍ବଳ କିମ୍ବା ନିରବ ରହିବା ନୀତିକୁ ହଟେଇ ଦେଇଛି, ବରଂ ଆପଣା ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ ନୀତି ଗ୍ରହଣ କରିଛି। ଆବଶ୍ୟକ ସ୍ଥଳେ ୟୁରୋପକୁ ତାଙ୍କରି ଭାଷାରେ ଉତ୍ତର ଦେଇଛି। ତୁର୍କୀ, ବ୍ରିଟେନ, ଆଜରବୈଜାନ ପରି ରାଷ୍ଟ୍ରଗୁଡିକୁ ନାଲିଆଖି ଦେଖାଇବାକୁ ପଛାଇନାହିଁ। ତୁର୍କୀର ଅଟୋମନ ସେନାକୁ ଜବାବ ଦେବାଲାଗି ଗ୍ରୀସ୍, ସାଇପ୍ରସ, ପର୍ତ୍ତୁଗାଲ ସହ ସଂପର୍କକୁ ସୁଦୃଢ଼ କରିଛି। ଆଜରବୈଜାନର ପାକିସ୍ତାନ ପ୍ରେମ ଓ କାଶ୍ମିରକଣ୍ଡୁ ପାଇଁ ଆର୍ମେନିଆ ହାତରେ ଭାରତ ନିଜ ଅସ୍ତ୍ରଶସ୍ତ୍ରର ମଲମ ଧରାଇ ଦେଇଛି। ଯାହା ଫଳରେ ଏକଦା ଋଷିଆଠାରୁ ସବୁ ଅସ୍ତ୍ରଶସ୍ତ୍ର କ୍ରୟ କରୁଥିବା ଆର୍ମେନିଆ ଏବେ ଭାରତ ଦ୍ୱାରା ନିର୍ମିତ କ୍ଷେପଣାସ୍ତ୍ର, କ୍ଷେପଣାସ୍ତ୍ର ବ୍ୟବସ୍ଥା, ରାଡାର ପରେ ସୁଖୋଇ-୩୦ର ଆଧୁନିକୀକରଣ ଏବଂ ନୂଆ ଯୁଦ୍ଧ ବିମାନ ନିର୍ମାଣ ପାଇଁ ଭାରତ ଉପରେ ବିଶ୍ୱାସ ବୃଦ୍ଧି କରିଛି। ସେମିତି ୟୁରୋପର ରାଷ୍ଟ୍ରଗୁଡିକ ଜନସଂଖ୍ୟା, ଭିସାପ୍ରଦାନ, ଉତ୍ପାଦନ, ବିଶ୍ୱ ଯୋଗାଣ ବ୍ୟବସ୍ଥା ସଂପର୍କରେ ଭାରତକୁ ଯେପରି ଟିଉସନ୍ କରୁଥିଲେ ଏବେ ଆଉ କରିପାରୁନାହାନ୍ତି।

କୋରୋନା ପର ସମୟରେ ୟୁକ୍ରେନ ଯୁଦ୍ଧ ଯୋଗୁ ଋଷିଆର ବିରୋଧୀ ହେବାଯୋଗୁ ୟୁରୋପର ରାଷ୍ଟ୍ର ସମୂହ ପେଟ୍ରୋଲ-ଡିଜେଲ, ଗ୍ୟାସ ପରି ଆବଶ୍ୟକ ଦୈନନ୍ଦିନ ବସ୍ତୁ ପାଇଁ ତୃତୀୟ ପକ୍ଷଠାରୁ ଅଧିକ ଦରରେ କ୍ରୟ କରିବା ଯୋଗୁ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହୋଇଛନ୍ତି। ପାକ୍-ଚୀନ ପରି ରାଷ୍ଟ୍ରକୁ ମୁକ୍ତ ବାଣିଜ୍ୟର ସୁବିଧା ପ୍ରଦାନ କରି ଭାରତକୁ ଆଜିଯାଏଁ ବାଣିଜ୍ୟିକ ସହଯୋଗରୁ ଦୂରେଇ ରଖିଛନ୍ତି। ସେମାନେ ଭାରତ ତୁଳନାରେ ଚୀନକୁ ଅଧିକ ଗୁରୁତ୍ୱ ଦେଇ ଭାରତକୁ ପରୀକ୍ଷାର କାଠଗଡାରେ ଛିଡା କରିଛନ୍ତି, କିନ୍ତୁ ଗଲୱାନ ଏବଂ ଡେପସାଙ୍ଗ୍ ମାମଲାରେ ଭାରତ ଚୀନକୁ ପଛକୁ ହଟିବାକୁ ବାଧ କରିବାକୁ ସକ୍ଷମ ହେବା ସହ ଚୀନର ବେଲ୍ଟ ଏଣ୍ଡ ରୋଡର ବିରୋଧ କରିଆସିଛି। ତେଣୁ ଚୀନକୁ ଯେ ଭାରତ ଏକମାତ୍ର ରାଷ୍ଟ୍ରଭାବେ ସାମ୍ନା କରିବା ସହ ଚ୍ୟାଲେଞ୍ଜ ଦେଇପାରିବ,ଏହି ବିଶ୍ୱାସ ସେମାନଙ୍କ ମନରେ ସୃଷ୍ଟି ହେବାରେ ଲାଗିଛି। ଆଫଗାନ-ସିରିଆ-ୟେମେନ-ଇରାକ ସଂଘର୍ଷ କାଳରେ ଶସ୍ତା ଶ୍ରମିକ ପାଇବାକୁ ସୀମାର ୟୁରୋପର ରାଷ୍ଟ୍ରଗୁଡିକ ଅତି ଉତ୍ସାହିତ ହୋଇ ତାରବାଡ ଖୋଲି ଯେଉଁସବୁ ମୁସଲିମ ଶରଣାର୍ଥୀମାନଙ୍କୁ ଦେଶରେ ପ୍ରବେଶାଧିକାର ଦେଇଥିଲେ, ଏବେ ସେମାନେ ୟୁରୋପ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛନ୍ତି। ଇସଲାମିକ ଆଇନ ପ୍ରଚଳନ, ବୁର୍ଖା ପରିଧାନ, ମୌଳବାଦର ପ୍ରଚାର, ସନ୍ତ୍ରାସର ଆଧାରରେ ସମସ୍ତଙ୍କୁ ଭୟଭୀତ କଲାପରି କାର୍ଯ୍ୟ ସେମାନେ କରି ଚାଲିଛନ୍ତି। ତେଣୁ ସେସବୁ ରାଷ୍ଟ୍ରରେ ଇସଲାମ-ବିରୋଧୀ ବାତାବରଣ ସୃଷ୍ଟି ହେବାରେ ଲାଗିଛି। ସଂପ୍ରତି ଶରଣାର୍ଥୀ ସମସ୍ୟା, ଇସଲାମିକ ସନ୍ତ୍ରାସକୁ ବିରୋଧ କରି ଅନେକ ରାଷ୍ଟ୍ରବାଦୀ ଦଳ ୟୁରୋପରେ ଆଗଧାଡିକୁ ଆସିବାକୁ ସକ୍ଷମ ହୋଇଛନ୍ତି। ଅଣକୁଶଳୀ, ଅଶିକ୍ଷିତ, ଅଭଦ୍ର ଶ୍ରମିକଙ୍କୁ ଦେଶରୁ ବାହାର କରିବାକୁ ସେହିସବୁ ଦେଶ ଏବେ ପ୍ରୟାସ କରିବା ସମୟରେ ସେମାନଙ୍କ ଅନୁପସ୍ଥିତିରେ ଯେଉଁ ଶ୍ରମିକ ଅଭାବ ଦେଖାଦେବ ସେହି ଶୂନ୍ୟସ୍ଥାନ ପୂରଣ କରିବାକୁ ସେମାନେ ଭାରତ ଉପରେ ଭରସା କରିଛନ୍ତି। କହିବାକୁ ଗଲେ କୋରୋନା, ୟୁକ୍ରେନ ଯୁଦ୍ଧ ଏବଂ ଇସଲାମ ଏବେ ୟୁରୋପର ବିଧିବ୍ୟବସ୍ଥାକୁ ଦୋହଲାଇ ଦେଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଜନସଂଖ୍ୟା ସମସ୍ୟାକୁ ସାମ୍ନା କରି ଆସିଥିବା ୟୁରୋପର ଅନେକ ଦେଶ ଏବେ ବାଧ ହୋଇ ଭାରତ ପାଇଁ ଭିସା ସଂଖ୍ୟା ବୃଦ୍ଧି କରିବାକୁ ଘୋଷଣା କଲେଣି। ଜର୍ମାନୀ ବାର୍ଷିକ ୨୦,୦୦୦ରୁ (ପୁରୁଣା ହିସାବ ଅନୁଯାୟୀ) ୯୦,୦୦୦ ଭାରତୀୟଙ୍କୁ ଭିସାଦେବା ତା'ର ସ୍ପଷ୍ଟ ପ୍ରମାଣ। ଫ୍ରାନ୍ସ, ସ୍ପେନ ପରି ରାଷ୍ଟ୍ର ସେମାନଙ୍କ ଯୁଦ୍ଧ ଓ ପରିବହନ ବିମାନ ନିର୍ମାଣ କମ୍ପାନୀର ଶାଖା ଭାରତରେ ଖୋଲିବାକୁ ବାଧ ହେବା ମଧ୍ୟ ସମୟର ଆବଶ୍ୟକତା। କାରଣ ସଂଖ୍ୟାଧିକ ଶିକ୍ଷିତ ଶ୍ରମିକ, ଗଣତାନ୍ତ୍ରିକ ବ୍ୟବସ୍ଥା, ଇଂଜିନିୟରିଂ ଏବଂ ମେଡିକାଲ ଗ୍ରାଜୁଏଟଙ୍କ ଭଲସଂଖ୍ୟା ଏବେ ଭାରତରେ ଥିବାରୁ ୟୁରୋପର ଦେଶଗୁଡିକ ସେମାନଙ୍କ ଦେଶର ସ୍ୱାସ୍ଥ୍ୟସେବା, ଆଇଟି ଶିଳ୍ପ, ନିର୍ମାଣ କ୍ଷେତ୍ରର ବିକାଶପାଇଁ ଭାରତର ଲୋକଙ୍କୁ ନିଯୁକ୍ତି ଦେବାକୁ ଆଗ୍ରହୀ। ଖୁବ୍ ଶିଘ୍ର ଭାରତରୁ ପ୍ରତିବର୍ଷ ୟୁରୋପକୁ ୧୦ଲକ୍ଷ ଲୋକେ କାର୍ଯ୍ୟ କରିବାକୁ ଯିବେ, ଯାହା ଆଗାମୀ ବର୍ଷଗୁଡିକରେ ୫୦ଲକ୍ଷକୁ ଛୁଇଁବ ଏଥିରେ ସନ୍ଦେହ ନାହିଁ। କାରଣ ସେମାନେ ଲକ୍ଷ୍ୟ କରିଛନ୍ତି ଯେ ମଧ୍ୟପ୍ରାଚ୍ୟର ସାଉଦି ଆରବ, ସଂଯୁକ୍ତ ଆରବ ଅମିରାତ, କାତାର ପରି ରାଷ୍ଟ୍ରରେ ତେଲ ଥିଲେ ମଧ ମୂଲ ଲାଗିବାକୁ ଲୋକେ ନାହାନ୍ତି। ସେସବୁ ଦେଶର କାୟାକଳ୍ପ ପରିବର୍ତ୍ତନରେ ଭାରତୀୟଙ୍କ ବଡ ଭୂମିକା ରହିଛି ଏଥିରେ ସନ୍ଦେହ ନାହିଁ। ଆମେରିକାରୁ ୟୁରୋପ, ଅଷ୍ଟ୍ରେଲିଆରୁ ଅମିରାତ ସବୁଠି ଭାରତୀୟ ଲୋକେ ଶୃଙ୍ଖଳିତ ହୋଇ କାର୍ଯ୍ୟ କରୁଛନ୍ତି। ଦେଶର ଆର୍ଥିକ ବିକାଶରେ ସାମିଲ ହୋଇଛନ୍ତି। ସେ ଦୃଷ୍ଟିରୁ ଆଗାମୀ ଦିନରେ ୟୁରୋପର ବିକାଶ ପାଇଁ ଭାରତୀୟମାନେ ବଡ ଭୂମିକା ନେବେ ଏଥିରେ ସନ୍ଦେହ ନାହିଁ। ଗୋଟିଏ ପରେ ଗୋଟିଏ ଦେଶ ନିଜ ଦେଶରେ ଭାରତୀୟ କୁଶଳୀ ଲୋକଙ୍କୁ ସୁଯୋଗ ଦେଇ ନିଯୁକ୍ତି ଦେବାକୁ ଆଗ୍ରହ ପ୍ରକାଶ କରିବାରେ ଲାଗିଛନ୍ତି। ବର୍ତ୍ତମାନର କେନ୍ଦ୍ରରେ ଥିବା ମୋଦୀ ସରକାରଙ୍କ ଦୂରଦୃଷ୍ଟିସଂପନ୍ନ ନୀତି ଯୋଗୁ ଭାରତ ଅର୍ଥନୀତିରେ ୧୦ବର୍ଷରେ ୧୦ମ ସ୍ଥାନରୁ ଉଠି ୫ମ ସ୍ଥାନରେ ପହଞ୍ଚି ତୃତୀୟ ସ୍ଥାନକୁ ଯିବାଲାଗି ପ୍ରୟାସ ଆରମ୍ଭ କରିଦେଇଛି। ୨୦୪୭କୁ ଆଖି ଆଗରେ ରଖି ଭାରତ ସରକାର ଏବେଠୁ ଯୋଜନା କରିବାରେ ଲାଗିପଡିଛନ୍ତି, ବିକଶିତ ଭାରତର ନକ୍ସା ପ୍ରସ୍ତୁତିରେ ଲାଗିଛନ୍ତି।

ୟୁକ୍ରେନ ସହ ଯୁଦ୍ଧପରେ କଟକଣା ଯୋଗୁ ଋଷିଆ ମଧ ଉତ୍ପାଦନ, ପରିଚାଳନା, ମରାମତି କ୍ଷେତ୍ରରେ ପଛରେ ପଡିଯାଇଛି। ଯାତ୍ରୀ ପରିବହନ ପାଇଁ ବିମାନର ଅଭାବ ଦେଖାଦେଇଥିବା ଯୋଗୁ ଭାରତୀୟ ବିମାନ ପରିବହନ କମ୍ପାନୀ ଉପରେ ଦୃଷ୍ଟି ପକାଇଛି। ସ୍ୱିଡେନର ସାବ୍ ଯୁଦ୍ଧ ବିମାନ ଭାରତରେ ଉତ୍ପାଦନ ପାଇଁ ଆଗ୍ରହ ପ୍ରକାଶ କରିଛି। ଆଗାମୀ ଦିନରେ ଅନେକ ୟୁରୋପ କମ୍ପାନୀ ଭାରତକୁ ଆସିବେ ଏଥିରେ ଦ୍ୱିମତ ହେବାର ନାହିଁ। ଗୋଟିଏ ପଟେ ଜର୍ମାନୀର ଚାନସେଲର ସ୍କଲାଜ୍ ଭାରତ ସଂପର୍କରେ ଏକ ସ୍ୱତନ୍ତ୍ର ନୀତିପତ୍ର ପ୍ରସ୍ତୁତ କରିଛନ୍ତି ଆଗାମୀ ଦିନଗୁଡିକ ପାଇଁ। ସମସ୍ତ ପ୍ରକାର ନାଲିଆଖି, ସମାଲୋଚନା, କଟକଣାର ଭୟ ସତ୍ତ୍ୱେ ଭାରତ ଯେପରି ଋଷିଆ ସହ ବନ୍ଧୁତାରକ୍ଷା କରିଆସିଛି ତାହା ସେମାନଙ୍କୁ ଚକିତ କରିଛି। କଷ୍ଟକର ସମୟରେ ବନ୍ଧୁରାଷ୍ଟ୍ରକୁ ସାହାଯ୍ୟ କରିବାରେ ଭାରତର ଆଗ୍ରହ ଦେଖି ୟୁରୋପର ରାଷ୍ଟ୍ର ସମୂହ ଭାରତ ପ୍ରତି ଆକର୍ଷିତ ହେଉଛନ୍ତି। ହେଲେ ଜେ. ଜୟଶଙ୍କର ୟୁରୋପରେ ସେମାନଙ୍କ ନୀତିକୁ, ଭାରତରେ ଜର୍ମାନୀ ଭାଇସ ଚାନସେଲରଙ୍କୁ ପିୟୂଷ ଗୋୟଲ ଜର୍ମାନୀ କମ୍ପାନୀଙ୍କ ଦୋମୁହାଁ ନୀତିର କଠୋର ସମାଲୋଚନା କରିବାକୁ ପଛାଇନାହାନ୍ତି। ବ୍ରିଟେନ, କାନାଡା, ଆମେରିକା ପରି ରାଷ୍ଟ୍ରଙ୍କ ଭାରତକୁ ନିୟନ୍ତ୍ରଣ କରିବା ନୀତି ମଧ ସଫଳ ହୋଇପାରିନାହିଁ। ଭାରତ ନିକଟରେ କାନାଡାରୁ କୂଟନୀତିଜ୍ଞଙ୍କୁ ପ୍ରତ୍ୟାହାର କରି ସେଠାକାର ସରକାରଙ୍କୁ ଜବାବ ଦେଇଛି। ବାଇଡେନଙ୍କ ବ୍ଲାକମେଲ ନୀତିକୁ ଭାରତ ପଛ ଦେଖାଇ ଦେଇଛି। ଜର୍ମାନୀର ଚାନ୍‌ସେଲର ସ୍କଲାଜ ଏବଂ ସ୍ପେନ ରାଷ୍ଟ୍ରପତି ସାଞ୍ଚେସ୍ ଭାରତର ସ୍ପଷ୍ଟ ନୀତିକୁ ଏବେ ବୁଝିପାରିଛନ୍ତି। ଦୁହେଁ ନିକଟରେ ଭାରତ ଗସ୍ତକରି ଦ୍ୱିପାକ୍ଷିକ ସଂପର୍କ ଓ ବାଣିଜ୍ୟ ପାଇଁ ମାର୍ଗ ପ୍ରସ୍ତୁତ କରିବା ଲାଗି ପ୍ରୟାସ କରିଛନ୍ତି। ଫ୍ରାନ୍ସ ଯେପରି ପ୍ରତିରକ୍ଷା କ୍ଷେତ୍ରରେ ଭାରତଠୁ ଲାଭବାନ ହୋଇଛି ସେମିତି ସେମାନେ ଲାଭବାନ ହେବାକୁ ଚାହୁଁଛନ୍ତି, ଭାରତର ପ୍ରତିରକ୍ଷା ପ୍ରକଳ୍ପଗୁଡିକୁ ହାତେଇବା ଲାଗି ଚାହୁଁଛନ୍ତି। ବୃହତ ଶକ୍ତିଙ୍କ ସହ ସନ୍ତୁଳନ ରକ୍ଷା କରି ଅନ୍ୟ ରାଷ୍ଟ୍ରକୁ ନିଜର କରିବା ଦୃଷ୍ଟିକୋଣ ଭାରତ ନେଉଥିବା ଦେଖି ୟୁରୋପ ଏବେ ଭାରତ ମୁହାଁ ହୋଇଛି।

ଭାରତୀୟ ସମ୍ବାଦ ସେବା (ଭାସ), ଭୁବନେଶ୍ୱର-୭୫୧୦୦୩

# ଆର୍ତ୍ତଜନଙ୍କ ବନ୍ଧୁ : ଡାକ୍ତର ଆଇଜାକ ସାନ୍ଦ୍ରା

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ନର ସେବା ହିଁ ନାରାୟଣଙ୍କ ସେବା। ଦୁର୍ଲଭ ମଣିଷ ଜୀବନ ନିଃସ୍ୱାର୍ଥପର ଓ ଉତ୍ସର୍ଗୀକୃତ ସେବା ପରାୟଣତାର ସହ ଅସହାୟ ଓ ପୀଡ଼ିତଙ୍କ ସେବାରେ ବିନିଯୋଗ କଲେ ନିଶ୍ଚିନ୍ତ ଭାବରେ ଈଶ୍ୱର ଖୁସି ହେବେ ଏହି ମହାମନ୍ତ୍ରକୁ ଜୀବନରେ କେବଳ ଧର୍ମ ଚିନ୍ତନ ନୁହେଁ ଜୀବନର ମୁଖ୍ୟ କର୍ମ ଭବେ ଗ୍ରହଣ କରି ସମସ୍ତଙ୍କ ପାଇଁ ସେବା ମହନୀୟତାର ଆଦର୍ଶଣୀୟ ପାଲଟିଥିଲେ ଡାକ୍ତର ଆଇଜାକ ସାନ୍ଦ୍ରା। କୁଷ୍ଠରୋଗ ନିରାକରଣ ଓ କୁଷ୍ଠ ରୋଗୀଙ୍କ ସେବାରେ ପ୍ରାୟ ପାଞ୍ଚ ଦଶନ୍ଧି ଧରି ସକ୍ରିୟ ଥିଲେ ଡାକ୍ତର ଆଇଜାକ ସାନ୍ଦ୍ରା। ସୁଦୀର୍ଘ କର୍ମମୟ ଜୀବନର ଶେଷ ଦୁଇ ଦିନକୁ ଛାଡ଼ି ଅବଶିଷ୍ଟ ସମସ୍ତ ଦିନରେ ସେ କୁଷ୍ଠ ରୋଗୀଙ୍କ ସେବା କରି ଏକ ଅନନ୍ୟ ଦୃଷ୍ଟାନ୍ତ ହୋଇରହିଛନ୍ତି। ସେ ଆଜି ନାହାନ୍ତି। ତେବେ ତାଙ୍କର ଅବିସ୍ମରଣୀୟ ସ୍ମୃତି ବହନ କରୁଛି, ତାଙ୍କର ଅକ୍ଷୟ କୀର୍ତ୍ତି, ହାତୀବାଡ଼ି ସ୍ୱାସ୍ଥ୍ୟ ନିବାସ। ସେ କହୁଥିଲେ, ଦୀନ ହିଁ ମୋର ଭଗବାନ, ଦରିଦ୍ର ହିଁ ମୋର ଭଗବାନ, ଆଉ ଆର୍ତ୍ତ ହିଁ ମୋର ଭଗବାନ। ଏହା ସେ କେବଳ କହୁ ନଥିଲେ, କାର୍ଯ୍ୟରେ କରିଦେଖାଇଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ରୋଗୀ ସେବାରେ ନିୟୋଜିତ ରହିଥିଲେ। ତାଙ୍କ ପାଖରୁ କାହାକୁ ନିରାଶ ହୋଇ ଫେରିବାକୁ ପଡୁ ନଥିଲେ। ନିଜ ଜୀବନର ପ୍ରତି କ୍ଷଣ ସେ ଏପରି ଅସହାୟଙ୍କ ପାଇଁ ଉତ୍ସର୍ଗୀକୃତ କରି ପ୍ରଚାର ପ୍ରସାର ଠାରୁ ନିଜକୁ ଦୂରେଇ ରଖି ବେଶ ନିରାଡ଼ମ୍ବର ଓ ସାତ୍ତ୍ୱିକ ଜୀବନ ଅତିବାହିତ କରୁଥିଲେ। ତାଙ୍କ ଜୀବନର ଯତ୍‌କିଞ୍ଚିତ ଆୟ ସେ ସେହି ରୋଗୀ ସେବାରେ ହିଁ ବିନିଯୋଗ କରିଦେଉଥିଲେ। ଖଣ୍ଡିଏ ଖଦି ବସ୍ତ୍ର ଓ ମୁଠାଏ ଖାଦ୍ୟ ହିଁ ଥିଲା ତାଙ୍କ ନିରାଡ଼ମ୍ବର ଜୀବନର ପ୍ରତୀକ।

୧୯୧୮ରେ ଡାକ୍ତର ସାନ୍ଦ୍ରା କଟକ ଭେଷଜ ବିଦ୍ୟାଳୟରୁ ଡାକ୍ତରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସରକାରୀ ଚାକିରିରେ ଯୋଗଦେଇଥିଲେ। କର୍ମମୟ ଜୀବନର ପ୍ରଥମ ଦୁଇବର୍ଷ ସାଧାରଣ ଚିକିତ୍ସା ଦାୟିତ୍ୱ ତୁଲାଇଥିଲେ। ୧୯୨୦ରେ କଟକ କୁଷ୍ଠାଶ୍ରମରୁ ଆରମ୍ଭ ହୋଇଥିଲା କୁଷ୍ଠରୋଗୀ ସେବା ଯାତ୍ରା। ତାଙ୍କ ଭାଷାରେ, କୌରବ ରୂପୀ କୁଷ୍ଠ ଯେତେବେଳେ ମଣିଷ ଶରୀରକୁ ଆକ୍ରମଣ କରେ, ରକ୍ଷା କରିବାକୁ ଆଗେଇଆସନ୍ତି ବିଶ୍ୱାସ, ଆନୁଗତ୍ୟ, ଉପଯୁକ୍ତ ଖାଦ୍ୟ, ଶ୍ରମ ଓ ଧୈର୍ଯ୍ୟ ରୂପୀ ପଞ୍ଚପାଣ୍ଡବ। ଡାକ୍ତରଙ୍କୁ ବିଶ୍ୱାସ କରିବା ଏବଂ ତାଙ୍କ ନିର୍ଦ୍ଦେଶ ପାଳନ କରିବା କୁଷ୍ଠ ରୋଗୀ ପାଇଁ ସବୁଠାରୁ ଜରୁରୀ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ କୁଷ୍ଠରୋଗୀଙ୍କ ପ୍ରତି ଯେଉଁପରି ଭଲପାଇବା ଓ ସେବା ତଥା ସନ୍ଥ ମଦର ଟେରେସାଙ୍କ ସମାଜରେ ଅଛୁଆଁ ଓ ଅସ୍ପୃଶ୍ୟ କୁହାଯାଉଥିବା କୁଷ୍ଠରୋଗୀ ମାନଙ୍କ ପ୍ରତି ଯେଉଁପରି ଅସୀମ ଓ ଅକୃତ୍ରିମ ଭଲପାଇବା ଓ ସେବା ତା'ର ପ୍ରଭାବ ଡାକ୍ତର ସାନ୍ଦ୍ରାଙ୍କ ଉପରେ ପଡ଼ିଥିଲା। ଭଗବାନ ଯୀଶୁଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଡାକ୍ତର ସାନ୍ଦ୍ରା କୁଷ୍ଠରୋଗୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ। କହୁଥିଲେ, କନ୍ୟାଦାନ କଲେ ତଥା ଶିବଙ୍କ ଆସ୍ଥାନ କାଶୀରେ ରହିଲେ ଯେଉଁ ପୁଣ୍ୟ ମିଳେ, କୁଷ୍ଠ ରୋଗ ଦୂର କଲେ ସେତିକି ପୁଣ୍ୟ ମିଳେ। ୧୮୯୨ ନଭେମ୍ବର ୩ ତାରିଖରେ ସମ୍ବଲପୁରରେ ଜନ୍ମ ହୋଇଥିଲେ ଏହି ମହାନ ଚିକିତ୍ସକ। ଆଜିର ଚିକିତ୍ସା ସେବା କ୍ଷେତ୍ରରେ କିଛି ଅର୍ଥଲିପ୍ସୁ ଚିନ୍ତାଧାରାକୁ ଲକ୍ଷ୍ୟ କଲେ ଡାକ୍ତର ସାନ୍ଦ୍ରାଙ୍କ ଉତ୍ସର୍ଗୀକୃତ ସେବା ପରାୟଣତା ସ୍ୱତଃ ମନକୁ ଚିନ୍ତାଗ୍ରସ୍ତ କରିପକାଏ। କେବଳ ଡାକ୍ତରମାନେ ନୁହଁନ୍ତି ଆମ ସମସ୍ତଙ୍କ ଭିତରେ କୁଷ୍ଠରୋଗୀ ହୁଅନ୍ତୁ ବା ଯେକୌଣସି ଅସହାୟ, ଅପରିଚିତ, ମୁମୂର୍ଷୁ, ସେମାନଙ୍କୁ ଭଲପାଇବା ଓ ନିଃସ୍ୱାର୍ଥପର ସେବା ଯୋଗାଇ ଦେଲେ ଏହି ଯୋଗଜନ୍ମା ଓ କୃତବିଦ୍ୟ ଡାକ୍ତରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୁଅନ୍ତା।

ସହପ୍ରତିରତ୍ୱିକ ଓ ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଦୁଇ ମାସର ସାଥୀ ମିନି ମୁନ୍

ଯଶସ୍ୱିନୀ ପଟ୍ଟନାୟକ

ଏଇ ମାସ ଶେଷ ସୁଦ୍ଧା ପୃଥିବୀକୁ ମିଳିବ ଏକ ନୂଆ ସାଥୀ। ତେବେ ଏହା ଅସ୍ଥାୟୀ। ୨୦୨୪ ପିଟି ୫ ନାମକ ଏକ କ୍ଷୁଦ୍ର ଗ୍ରହାଣୁକୁ ପୃଥିବୀର ମାଧ୍ୟାକର୍ଷଣ ସ୍ୱଳ୍ପ ଅବଧି ପାଇଁ ନିଜ କକ୍ଷରେ ଧରି ରଖିବ। ଗ୍ରହାଣୁକୁ ମିନି ମୁନ ନାମରେ ସମ୍ବୋଧନ କରାଯାଉଛି। ଏହି ଘଟଣା ହାରାହାରି ଦୁଇ ମାସ ପର୍ଯ୍ୟନ୍ତ, ଅର୍ଥାତ୍ ଚଳିତ ସେପ୍ଟେମ୍ବର ୨୯ ତାରିଖରୁ ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ରହିବ ବୋଲି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି। ଏହି ମହାଜାଗତିକ ଘଟଣା ବେଶ ରୋମାଞ୍ଚକର ହୋଇଥିଲେ ମଧ ମିନି ମୁନକୁ ଦେଖିବା କଷ୍ଟକର ହେବ।

ଆସନ୍ତୁ ପ୍ରଥମେ ଜାଣିବା ମିନି ମୁନ୍ କ'ଣ? ମିନି ମୁନ୍ ଏକ କ୍ଷୁଦ୍ର ବ୍ରହ୍ମାଣ୍ଡୀୟ ପିଣ୍ଡ, ଯାହା ସାଧାରଣତଃ ଏକ ଗ୍ରହାଣୁ। ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଏହାକୁ ଅସ୍ଥାୟୀ ରୂପେ ନିଜ କକ୍ଷରେ ଧରି ରଖେ। ଏ ପ୍ରକାର ଘଟଣା ପ୍ରତି କିଛି ଦଶନ୍ଧିରେ ଘଟେ। ଗତ ଅଗଷ୍ଟ ୭ ତାରିଖରେ ଆଷ୍ଟରଏଡ ଟେରେଷ୍ଟ୍ରିଆଲ ଇମ୍ପ୍ୟାକ୍ଟ ଲାଷ୍ଟ ଆଲର୍ଟ ସିଷ୍ଟମ ଦ୍ୱାରା ୨୦୨୪ ପିଟି୫ ଗ୍ରହାଣୁ ଆବିଷ୍କୃତ ହୋଇଥିଲା। ମାତ୍ର ୩୩ ଫୁଟ (୧୦ ମିଟର) ଚଉଡା ହୋଉଥିବାରୁ ସ୍ୱତନ୍ତ୍ର ସରଞ୍ଜାମ ବିନା ଏହାକୁ ଦେଖିବା ସମ୍ଭବ ନୁହେଁ। କ୍ଷୀଣ ପରିସ୍ଥିତି ସତ୍ତ୍ୱେ ୨୦୨୪ ପିଟି୫ ପୃଥିବୀର ମାଧ୍ୟାକର୍ଷଣରୁ ମୁକ୍ତ ହେବା ପୂର୍ବରୁ ଏବଂ ସୂର୍ଯ୍ୟ କେନ୍ଦ୍ରିତ କକ୍ଷକୁ ଫେରିବା ପୂର୍ବରୁ ପୃଥିବୀ ଚତୁପାର୍ଶ୍ୱରେ ଗୋଟିଏ ପୂର୍ଣ୍ଣ ପରିକ୍ରମା ଶେଷ କରିବ। ଏ ପ୍ରକାର ମିନି ମୁନକୁ ପୂର୍ବରୁ ଅବଲୋକନ କରାଯାଇଛି। ୧୯୮୧ ଓ ୨୦୨୨ ମସିହାରେ ଏଭଳି ଘଟଣା ଘଟିଥିଲା। ୨୦୨୨ ଏନଏକ୍ସଆଇ ଗ୍ରହାଣୁ ନିଜର ବ୍ରହ୍ମାଣ୍ଡୀୟ ଯାତ୍ରା ଜାରି ରଖିବା ପୂର୍ବରୁ ପୃଥିବୀର ଅସ୍ଥାୟୀ ସାଥୀ ହୋଇଥିଲା।

ମିନି ମୁନକୁ କେମିତି ଧରିରଖେ ପୃଥିବୀ? : ନିଅର ଆର୍ଥ ଅବଜେକ୍ଟ ସମୂହରୁ ମିନି ମୁନକୁ କାବୁ କରାଯାଏ। ପୃଥିବୀ ନିକଟରେ ଗତି କରୁଥିବା ଗ୍ରହାଣୁ ଓ ଅନ୍ୟ ବ୍ରହ୍ମାଣ୍ଡୀୟ ପିଣ୍ଡ ଏହି ସମୂହରେ ଥାନ୍ତି। ପୃଥିବୀ ୧୯ କୋଟି କିମି ଦୂରତା ମଧ୍ୟରେ ଆସୁଥିବା ଯେ କୌଣସି ମହାକାଶ ପିଣ୍ଡକୁ ନାସା ନିଅର ଆର୍ଥ ଅବଜେକ୍ଟ ବା ପୃଥିବୀ ନିକଟସ୍ଥ ପିଣ୍ଡ ରୂପେ ବର୍ଗୀକୃତ କରିଛି। ପୃଥିବୀର ୭୫ ଲକ୍ଷ କିମି ଦୂରରେ ଥିବା ପିଣ୍ଡ ଗୁଡ଼ିକୁ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଏ। ସୌଭାଗ୍ୟବଶତଃ ୨୦୨୪ ପିଟି୫ ଗ୍ରହାଣୁକୁ ନେଇ ପୃଥିବୀକୁ କୌଣସି ବିପଦ ନାହିଁ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଗବେଷଙ୍କ ଅନୁସାରେ ୨୦୨୪ ପିଟି୫ ଗ୍ରହାଣୁ ଏକ ଆପୋଲୋ ଶ୍ରେଣୀୟ ମହାକାଶ ପିଣ୍ଡ। ୨୦୨୨ ଏନଏକ୍ସଆର ଭଳି ପୂର୍ବ ମିନି ମୁନ ଭଳି ଏହା ସମାନ କକ୍ଷରେ ପରିକ୍ରମା କରୁଛି। ଏହି କ୍ଷୁଦ୍ର ପିଣ୍ଡ କିଛି ସପ୍ତାହ କିମ୍ବା କିଛି ମାସ ଧରି ନକାରାତ୍ମକ ଭୂକେନ୍ଦ୍ରୀୟ ଉର୍ଜ୍ଜା ହାସଲ କରିବା ଯୋଗୁଁ ଅସ୍ଥାୟୀ ଚନ୍ଦ୍ର ହୋଇଯାଆନ୍ତି। ତେବେ ଏ ପ୍ରକାର ଦୀର୍ଘକାଳୀନ ଘଟଣା ସେତେବେଳେ ଘଟେ ଯେତେବେଳେ ଏହି ପିଣ୍ଡ ପୃଥିବୀ କକ୍ଷରେ ବର୍ଦ୍ଧିତ ଅବଧି ପର୍ଯ୍ୟନ୍ତ ରହନ୍ତି। ଏହି ଘଟଣା ଅତ୍ୟନ୍ତ ବିରଳ। ପ୍ରତି ୧୦-୨୦ ବର୍ଷରେ ଥରେ ଘଟିଥାଏ। ସୂର୍ଯ୍ୟ ଦ୍ୱାରା ସୃଷ୍ଟ ମାଧ୍ୟାକର୍ଷଣ ସମ୍ବନ୍ଧୀୟ ବ୍ୟାଘାତ ପୃଥିବୀ କକ୍ଷରୁ ଏହି ମିନି ମୁନଙ୍କ ହଟିବାର କାରଣ ହୋଇଥାଏ। ୨୦୨୪ ପିଟି୫ ମିନି ମୁନ ଭାବେ ପୃଥିବୀ ଚତୁପାର୍ଶ୍ୱରେ ଥରେ ନିଜର ପୂର୍ଣ୍ଣ ପରିକ୍ରମା ଶେଷ କରିବା ପରେ ତାହା ନିଜର ଉତ୍ପତ୍ତି ସ୍ଥଳ ଅର୍ଜୁନ ଗ୍ରହାଣୁ ବେଲ୍ଟକୁ ଫେରିଯିବ।

ମିନିମୁନର ଭବିଷ୍ୟତ : ୨୦୨୪ ପିଟି୫ ଭଳି ମିନିମୁନ ନକ୍ଷତ୍ର ବିଜ୍ଞାନରେ କୌତୁହଳଠୁ ବହୁତ ଅଧିକ। ଭବିଷ୍ୟତ ମହାକାଶ ଅନ୍ୱେଷଣରେ ଏହି କ୍ଷୁଦ୍ର ଗ୍ରହାଣୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରନ୍ତି। ଏଥିରେ ମୂଲ୍ୟବାନ ଖଣିଜ ଓ ଜଳ ରହିଛି, ଯାହା ମହାକାଶଯାନ ପାଇଁ ଇନ୍ଧନ ରୂପେ ଉପଯୋଗୀ ହୋଇପାରିବ। କ୍ଷୁଦ୍ରଗ୍ରହ ଖନନର ଯୋଜନା କରୁଥିବା କମ୍ପାନୀଙ୍କ ପାଇଁ ଏ ପ୍ରକାର ମିନି ମୁନର ମହତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାନବ ମହାକାଶ ମିଶନରେ ମଧ ଏହା ସହାୟକ ହୋଇପାରିବ ବୋଲି ଗବେଷକମାନେ କହିଛନ୍ତି। ଏହା ବିଶେଷକରି ପିଲାମାନଙ୍କ ପାଠପଢ଼ା ପାଇଁ ଅତ୍ୟନ୍ତ ଉପାଦେୟ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ, ଇ-ମେଲ : ହବସ୍ୱବସ୍ୱଙ୍ଗସଭସକ୍ତ୍ରବସ୍ୱସ୍ୱବଭବସଳ୭୮ଅଶଙ୍କବସକ୍ଷ.ମକ୍ଟଙ୍କ



# ବାତ୍ୟା ପ୍ରଭାବିତ ତିନୋଟି ଜିଲ୍ଲା ଛାତ୍ରଛାତ୍ରୀଙ୍କ ମାଟ୍ରିକ୍ ପରୀକ୍ଷା ଫିସ୍ ଛାଡ କର

ଭୁବନେଶ୍ୱର,୪।୧୧: କେନ୍ଦ୍ର ସରକାରଙ୍କ ଟିମ୍ ବାତ୍ୟାଞ୍ଚଳ କ୍ଷତିଗ୍ରସ୍ତ ବୁଲିବାକୁ ଆସିଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ପ୍ରକାଶ କରିଛନ୍ତି । 'ଦାନା' ବାତ୍ୟା ପ୍ରଭାବିତ ଯୋଗୁଁ କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ବ୍ୟାପକ ଅଞ୍ଚଳରେ ଚାଷବାସ ଉଜୁଡି ଯିବା ସହିତ ଲୋକଙ୍କ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ବୋଲି ଖୋଦ୍ ରାଜ୍ୟ ସରକାରଙ୍କର ଏସ୍.ଆର.ସି.ଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ଏହି ପରିପ୍ରେକ୍ଷୀରେ 'ଦାନା' କ୍ଷତିଗ୍ରସ୍ତ କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଛାତ୍ରଛାତ୍ରୀଙ୍କର ମାଟ୍ରିକ୍ ପରୀକ୍ଷା ଫିସ୍ ଛାଡ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି । ପରିଷଦର ଆବାହକ ରବି ବେହେରା ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଖୋଦ୍ ମୁଖ୍ୟମନ୍ତ୍ରୀ ଦୁଇଦିନ ପାଇଁ ବାତ୍ୟା ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ଗସ୍ତ କରି ସ୍ୱଚକ୍ଷୁରେ କ୍ଷୟକ୍ଷତି ଦେଖିଛନ୍ତି । ଏହି ବାତ୍ୟାରୁ ଲୋକଙ୍କର ଚାଷବାସ ଉଜୁଡି ଯାଇଛି ଓ ଜୀବନ ଜୀବିକା ପ୍ରଭାବିତ ହୋଇଛି । ଆଜିଠାରୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ୨୦୨୫ ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମ ପୂରଣ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ବାତ୍ୟାଞ୍ଚଳ ଛାତ୍ରଛାତ୍ରୀଙ୍କର ମାଟ୍ରିକ୍ ପରୀକ୍ଷା ଫିସ୍ ଛାଡ କରିବାକୁ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବାକୁ ଶ୍ରୀ ବେହେରା ଅନୁରୋଧ କରିଛନ୍ତି ।

# ମାସର ପ୍ରଥମ ସୋମବାରରେ ଜିଲ୍ଲା କାର୍ଯ୍ୟାଳୟରେ ମିଳିତ ଜନ ଶୁଣାଣି ଶିବିର

ଭଦ୍ରକ, ୪।୧୧:ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନାଭିଯୋଗ ଶୁଣାଣି ଶିବିର ଆୟୋଜନ ନେଇ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତିମାସର ପ୍ରଥମ ସୋମବାରରେ ଜିଲ୍ଲା ସଦର ମହକୁମାରେ ଆୟୋଜନ କରାଯାଇଥାଏ । ନଭେମ୍ବର ୪ ତାରିଖ ସୋମବାର ଦିନ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଏସ୍.ପି.ମାଡ଼କର ସନ୍ଦୀପ ସମ୍ପତ ଯୋଗଦେଇ ସମୁଦାୟ ୧୩୨ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥି ମଧ୍ୟରେ ୧୧୭ଟି ବ୍ୟକ୍ତିଗତ ଓ ୧୫ଟି ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗ ଥିଲା । ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ବେଳେ ରେଡ଼କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ସମ୍ବନ୍ଧୀୟ ଥିବା ଆବେଦନ ମଧ୍ୟରୁ ୩ଜଣ ଦରଖାସ୍ତକାରୀଙ୍କୁ ୧୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଭଦ୍ରକ ପୌରପାଳିକାର ୱାର୍ଡ ନଂ ୧୪ ନୀଳକଣ୍ଠପୁରର ଉମାରାଣୀ ପାତ୍ରଙ୍କ ହୃଦରୋଗର ଚିକିତ୍ସା ପାଇଁ ୪ ହଜାର ଟଙ୍କା, ଧାମନଗର ଶହେ ଶତକଡ଼ା ଦୃଷ୍ଟିବାଧିତ ଥିବା ଗଗନ କୁମାର ମଲ୍ଲିକ୍‌ଙ୍କୁ ୫ ହଜାର ଟଙ୍କା, କଟ୍‌ସାହି, ଧାମନଗରର ପାର୍ବତୀ ପାଢ଼ୀଙ୍କୁ ଚିକିତ୍ସା ପାଇଁ ୪ ହଜାର ଟଙ୍କା ସମୁଦାୟ ୩ଜଣଙ୍କୁ ୧୩ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ନୂତନ ଭାବେ ଯୋଗଦେଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ କୁମାର ବଳ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ସମାଧାନ ଦିଗରେ ଜିଲ୍ଲାପାଳଙ୍କ ଦ୍ୱାରା ଆବଶ୍ୟକମତେ ତଥ୍ୟ ଉପସ୍ଥାପନ କରିଥିଲେ । ରାସ୍ତା ଓ ସରକାରୀ ଜମି ଜବର ଦଖଲ, ରାସ୍ତା ମରାମତି, ରାସ୍ତା, କଲଭର୍ଟ ନିର୍ମାଣ , ଆବାସ ଯୋଜନା, ରେସନ୍ କାର୍ଡ଼, ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସମ୍ପାଦକ ବଦଳାଇବା, ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ନମିଳବା, ଶିକ୍ଷକ ବଦଳି, ଆଦି ସଂକ୍ରାନ୍ତୀୟ ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଅଭିଯୋଗ ଆଗତ ହୋଇଥିଲା ।



# ବିପିୟୁଟିର ଟେକ୍ କାର୍ନିଭାଲ ଉଦ୍‌ଘାଟିତ

ଭୁବନେଶ୍ୱର, ତା ୦୪.୧୧.୨୦୨୪- ବିକଶିତ ଓଡ଼ିଶା - ବିକଶିତ ଭାରତ ଗଠନରେ ଟେକ୍ନୋଲୋଜି ପ୍ରମୁଖ ଭୂମିକା ଗ୍ରହଣ କରିବ । ଚଳିତ ନଭେମ୍ବର ୪ତାରିଖ ସୋମବାର ଦିନ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଠାରେ ଅବସ୍ଥିତ ରେଳ ସଦନ ଅଡିଟୋରିୟମ ଠାରେ ବିଜୁ ପଟ୍ଟନାୟକ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି) ଆନୁକୂଲ୍ୟରେ ଆୟୋଜିତ ଟେକ୍ କାର୍ନିଭାଲକୁ ଉଦ୍‌ଘାଟନ କରି ରାଜ୍ୟପାଳ ରଘୁବର ଦାସ ଏହା କହିଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଶ୍ରୀ ଦାସ କହିଥିଲେ ଯେ, ବର୍ତ୍ତମାନ ଆମେ ବୈଷୟିକ ଜ୍ଞାନ ଆଧାରିତ ଯୁଗରେ ଗତି କରୁଛେ । ଏହି ଜ୍ଞାନ ଆଧାରିତ ଯୁଗରେ ଯାହାଙ୍କ ପାଖରେ ବୈଷୟିକ ଜ୍ଞାନ ଅଛି ସେ ନିଜର ପ୍ରତିଭାକୁ ବିକଶିତ କରିପାରିବ ଏବଂ ଆହ୍ୱାନକୁ ସୁଯୋଗରେ ପରିଣତ କରିପାରିବେ । ଆଜିର ଦୁନିଆରେ ଯେଉଁଠାରେ ଟେକ୍ନୋଲୋଜି ଜୀବନର ପ୍ରତ୍ୟେକ ପଦକ୍ଷେପରେ ରୂପ ନେଉଛି । ବୈଷୟିକ କ୍ଷେତ୍ରରେ ଏକ ଦ୍ରୁତ ଭିତିଭୂମି ବିକାଶ ପାଇଁ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବାରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଭୂମିକା ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି । ଓଡ଼ିଶାରେ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ବିପିୟୁଟି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଯୁବପିଢ଼ି ମଧ୍ୟରେ ଅଭିନବତା ଓ ଉତ୍କର୍ଷର ସଂସ୍କୃତି ବୃଦ୍ଧି କରୁଛି ।

# ଗୋଲନ୍ଥରା ଅଞ୍ଚଳ ରେ ବ୍ୟାପକ ମରମ ଚୋରା ଚାଲାଣ

ରଙ୍ଗେଇଲୁଣ୍ଡା,୪।୧୧:ବର୍ତ୍ତମାନ ସମୟ ରେ ମରମ ଚୋରା ଚାଲାଣ ର ଭୂସ୍ୱର୍ଗ ପାଲଟିଛି ଗଞ୍ଜାମ ଜିଲ୍ଲା ଗୋପାଳପୁର ନିର୍ବାଚନ ମଣ୍ଡଳୀ ର ପାଲୁରୁ ଏବଂ ମହୁଡା ଅଞ୍ଚଳ । ଶାସକ ଦଳ ର ନେତା ବୋଲାଉଥିବା କିଛି ଯୁବକ ଏହି ଚୋରା ଚାଲାଣ ରେ ଲିପ୍ତ ଥିବା ଅଞ୍ଚଳ ରେ ଚର୍ଚ୍ଚା ର ବିଷୟ ପାଲଟିଛି । ପଞ୍ଚମା ଅଞ୍ଚଳ ର ଜୈନିକ ଯୁବକ ନିଜକୁ ମନ୍ତ୍ରୀ ଙ୍କ ପାଖ ଲୋକ ବୋଲି ମାତାଲ ହୋଇ ମୁଁ ମରମ ଚୋରି କରୁଛି ବୋଲି ସର୍ବସାଧାରଣ ରେ କହି ବୁଲୁଛନ୍ତି, ଯାହା ଦ୍ୱାରା ଦଳ ବଦନାମ ହେବାରେ ଲାଗିଛି । ପ୍ରତେକ ରାତିରେ ପ୍ରାୟ ଦୁଇ ସହ ରୁ ତିନି ସହ ଟ୍ରକ ମରମ ଚୋରା ଚାଲାଣ ହେବା ସହ ସରକାର ଙ୍କ ରାଜସ୍ୱ ହାନି ହେବାରେ ଲାଗିଛି । ସ୍ଥାନୀୟ ପ୍ରଶାସନ ସବୁ ଜାଣି ମଧ୍ୟ ଚୁପ ହେବାକୁ ଶ୍ରେୟ ମଣୁଛନ୍ତି । ଜନସାଧାରଣ ସବୁ ଜାଣି ଭୟ ରେ ପାଟି ଖୋଲିବାକୁ ସାହସ କରୁନାହାନ୍ତି । ପ୍ରଶାସନ ଏ ଦିଗରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହା ସମୟ ହିଁ କହିବ ।



# କେନ୍ଦ୍ରାପଡା ସଦରମହକୁମାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର



କେନ୍ଦ୍ରାପଡ଼ା,୪।୧୧: କେନ୍ଦ୍ରାପଡ଼ା ସଦର ମହକୁମାରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ସାଢେ ଗୋଟାଏ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ପୌରସଂସ୍ଥା ଟାଉନହଲ୍‌ରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଅତିରିକ୍ତ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସ, କେନ୍ଦ୍ରାପଡ଼ା ଅତିରିକ୍ତ ତହସିଲଦାର କୁମୁଦିନୀ ଜେନା ଓ ବିଡିଓ ବନ୍ଦନା ଖଟୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ ଡ଼ା ପ୍ରମୋଦ କୁମାର ପ୍ରହରାଜ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଅଭିଯୋଗ ଶୁଣାଣିରେ ମୋଟ୍ ୧୮୨ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୧୮ଟି ସାମୂହିକ ଏବଂ ୧୬୪ଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୬୮ ହଜାର ଟଙ୍କା ୧୦ ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ଼କ୍ରସ୍ ପାଣ୍ଠିରୁ ରାଜକନିକା ବ୍ଲକ ଯଶିପୁରର ପ୍ରତାପ ମଲ୍ଲିକଙ୍କୁ ଚିକିତ୍ସା ସହାୟତା ବାବଦରେ ୩ ହଜାର ଟଙ୍କାର ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରିଛନ୍ତି । ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ, ପାରିବାରିକ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭୂମିହିନ ପଟ୍ଟା, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା, ରାସନ୍‌କାର୍ଡ଼ ପ୍ରଦାନ, ଫୌଜିଦାରୀ ମକଦ୍ଦମା, ବାର୍ଦ୍ଧକ୍ୟ ଭତ୍ତା, ଜମି ସମସ୍ୟା, ବିଦ୍ୟୁତ ଯୋଗାଣ, ଫେରିଘାଟ ନିଲାମ, କଳାକାର ଭତ୍ତା, ବାତ୍ୟା ଦାନାରେ ଘର ଭଙ୍ଗା ସହାୟତା ପ୍ରଦାନ ନିମନ୍ତେ ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ପୋଲ ଓ ରାସ୍ତା ନିର୍ମାଣ, ଷ୍ଟ୍ରିଟ ଲାଇଟ କାର୍ଯ୍ୟକ୍ଷମ କରିବା, ଜଳ ନିଷ୍କାସନ, ଗ୍ରାମ୍ୟ ରାସ୍ତା ମରାମତି ଓ ନିର୍ମାଣ, ପାନୀୟ ଜଳ ଯୋଗାଣ, ଶିକ୍ଷକ ନିଯୁକ୍ତି, କେନାଲ ମାଧ୍ୟମରେ ଜଳ ଯୋଗାଣ, ନୂତନ କେନାଲ ନିର୍ମାଣ, ସରକାରୀ ଜମି ଅବରୋଧ ହଟାଇବା ଆଦି ଅଭିଯୋଗଗୁଡ଼ିକ ଥିଲା । ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଛେଣ୍ଡିପଦା ବିଧାୟକଙ୍କ ହାଇ ସ୍କୁଲ ପରିଦର୍ଶନ

ଛେଣ୍ଡିପଦା,୪।୧୧:ଛେଣ୍ଡିପଦା ବିଧାୟକ ଶ୍ରଯୁକ୍ତ ଅଗସ୍ତି ବେହେରା ଆଜି ଛେଣ୍ଡିପଦା ହାଇ ସ୍କୁଲ ପରିଦର୍ଶନ କରିଛନ୍ତି । ବିଧାୟକ ଙ୍କୁ ସ୍କୁଲ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ମାନେ ସ୍କୁଲ ସମ୍ମୁଖ ରୁ ପୁଷ୍ପ ଗୁଚ୍ଛ ଦେଇ ପାଛୋଟି ନେଇଥିଲେ । ସ୍ୱଳ୍ପ ସମୟ ମଧ୍ୟରେ ବିଦ୍ୟାଳୟ ରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସେଇ ସଭାରେ ବିଧାୟକ ମହୋଦୟ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଉଦ୍ଦବୋଧନ ଦେଇ ଭଲ ପାଠ ପଢି ଛେଣ୍ଡିପଦା ସ୍କୁଲ ତଥା ଅଞ୍ଚଳ ର ନାମ ତଥା ଗୌରବ ରଖିବାକୁ ପରାମର୍ଶ ଦେଇଥିଲେ । ପରେ ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ଠାରୁ ସ୍କୁଲ ର ସମସ୍ତ ସୁବିଧା ଅସୁବିଧା କୁ ବୁଝିଥିଲେ ଏବଂ ଅତି ଶିଘ୍ର ବିଦ୍ୟାଳୟ ର ପାଚେରୀ ନିର୍ମାଣ , ପଛ ପାଖ ଫାଟକ ନିର୍ମାଣ , ଆଜବେଷ୍ଟ୍ ଘର ଭାଙ୍ଗି ଛାତ ଘର , ଦୁଇମହଲା ବିଶିଷ୍ଟ ନୂତନ ଶ୍ରେଣୀ ଗୃହ , ଷ୍ଟାପ କ୍ୱାଟରର୍ସ ଆଦି ନିର୍ମାଣ ହବ । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛେଣ୍ଡିପଦା ବିଧାୟକ ଶ୍ରଯୁକ୍ତ ଅଗସ୍ତି ବେହେରା , ମୋ ସ୍କୁଲ ଅଭିଯାନ ସଭାପତି ଶ୍ରୀଯୁକ୍ତ ଲମ୍ବୋଦର ପ୍ରଧାନ , ପ୍ଲାଟିନମ୍ ଜୁବୁଲି ସଭାପତି ଶ୍ରଯୁକ୍ତ ଅଶୋକ କୁମାର ପ୍ରଧାନ, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ , ଛେଣ୍ଡିପଦା ସଭାପତି ଚନ୍ଦ୍ରମଣି ପ୍ରଧାନ , ପୂର୍ବତନ ଶିକ୍ଷକ ଜଳଧର ସାହୁ , ଯୁବ ନେତା ଅକ୍ଷୟ ପାଦ ବେହେରା ପ୍ରମୁଖ ଯୋଗଦେଇଥିଲେ । ପରି ଶେଷରେ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ସେଠୀ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରି ସଭା କାର୍ଯ୍ୟକୁ ସମାପ୍ତ କରିଥିଲେ । ପରେ ମାନ୍ୟବର ବିଧାୟକ ସମସ୍ତ ପିଲା ମାନଙ୍କୁ ମିଠା ବଣ୍ଟନ କରିଥିଲେ ।




# ବିଦ୍ୟାଳୟରୁ ଗୋଟିଏ ରାତିରେ ସିରିଜ୍ ଚୋରି

ଆଠମଲ୍ଲିକ୍,୪।୧୧:ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅନ୍ତର୍ଗତ ହତାଶିମିଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଯୋଗିବନ୍ଧ ପ୍ରାଥମିକ ବିଦ୍ୟାଳୟ ରୁ ରବିବାର ରାତିରେ ଚୋରି ହୋଇଥିବା ନେଇ ଠାକୁରଗଡ଼ ଥାନା ରେ ଅଭିଯୋଗ ହୋଇଛି । ହତାଶିମିଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରୁ ଏଲ୍ ଇ ଡି ଟିଭି, ଓଜନ ମେସିନ, ଚାଉଳ ତିନି କୁଇଣ୍ଟାଲ, କାନ୍ଥ ପଂଖା ଦୁଇଟା,Intex sound box with microphone ଚୋରି ହେବା ସହିତ ଯୋଗୀ ବନ୍ଧ ପ୍ରାଥମିକ ବିଦ୍ୟାଳୟ ରୁ ଏକ କିଣ୍ଟାଲ, ଅଣ୍ଡା, ଡାଲି ଆଦି ଚୋରି ହୋଇଥିବା ନେଇ ହତାଶିମିଳୀ ସ୍କୁଲ୍ ର ପ୍ରଧାନ ଶିକ୍ଷୟତ୍ରୀ ଶୈଳବାଳା ନାୟକ ଓ ଯୋଗିବନ୍ଧ ସ୍କୁଲ ର ପ୍ରଧାନ ଶିକ୍ଷୟିତ୍ରୀ ଉର୍ବଶୀ ନାୟକ ଠାକୁରଗଡ଼ ଥାନା ପୁଲିସ ରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ୍ ଦୁଇଟି ପୃଥକ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ନଟବର ନନ୍ଦ କହିଛନ୍ତି ।

# ଆକାଶ ଓ କେ. ଇଲେୟାଙ୍କୁ ଗୋପୁତ୍ର ସମ୍ମାନରେ ସମ୍ମାନିତ

ଗଞ୍ଜାମ,୪।୧୧: ଗଞ୍ଜାମ ଜିଲ୍ଲାରେ ଗୋ ମାତାର ସୁରକ୍ଷା କୁ ନେଇ ଉଲ୍ଲେଖନିୟ ଭୂମିକା ଗ୍ରହଣ କରିଥିବା ଆକାଶ ଗୌଡ଼ ଓ କେ. ଇଲେୟା ରେଡ୍ଡିଙ୍କୁ ଗୋ ପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଛି । ଭୁବନେଶ୍ୱର ସ୍ଥିତ ଧଉଳିରେ ଆୟୋଜିତ କଳିଙ୍ଗ ଗୌପୁତ୍ର ମହୋତ୍ସବ ରେ ଉଭୟଙ୍କୁ ସମ୍ମାନିତ କରାଯାଇଛି । ଗଞ୍ଜାମ ର ସାନାତନି ଜାଗରଣ ଗ୍ରୁପ ର ଉଭୟ ସଦସ୍ୟ ସ୍ଥାନୀୟ ଅଞ୍ଚଳରେ ଅନୁଷ୍ଠାନ ର ଗୋ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଟିମ ଏକତା ଯୋଗୁଁ ଏହି ସଫଳତା ତାଙ୍କ ତାଙ୍କୁ ମିଳିଥିବା ଯୋଗୁଁ ତାଙ୍କ ଟିମ କୁ ଏହାର ଶ୍ରେୟ ଦେଇଛନ୍ତି ।



# କେନ୍ଦ୍ରାପଡା ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

କେନ୍ଦ୍ରାପଡ଼ା,୪।୧୧:କେନ୍ଦ୍ରାପଡା ମଣ୍ଡଳ ସ୍ତରୀୟ ଶିଶୁମହୋତ୍ସବ ସୁରଭି - ୨୦୨୪ କଂସାର ସାହସପୁର ଉଚ୍ଚ ବିଦ୍ୟାଳୟର ପରିସରରେ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ହିରଣ୍ୟ ବାରିକ, ଜିଲ୍ଲାପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ପ୍ରଧାନ, କଂସାର ସାହସପୁର ଗ୍ରାମପଞ୍ଚାୟତର ସରପଞ୍ଚ ସରୋଜିନୀ ନାୟକ, ସମିତି ସଭ୍ୟ ସରୋଜ ରଞ୍ଜନ ଜେନା, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ରମେଶ ଚନ୍ଦ୍ର ସେଠୀ, କଂସାର ସାହସପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗଦେଇ ଶିଶୁମହୋତ୍ସବରେ ଶିଶୁମାନଙ୍କ ଅନ୍ତର୍ନିହିତ ସୃଜନୀଶକ୍ତିର ବିକାଶ ସୁରଭିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଶ୍ରୀବଳଦେବଜୀଉଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ବିଷ୍ଣୁ ଚରଣ ସାମଲ ବେଦପାଠ କରିଥିଲେ । ସିଆରସିସି ଅନନ୍ତ କୁମାର ପରିଡା ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । କଂସାର ସାହସପୁର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଶିଶୁମାନଙ୍କ ସୁପ୍ତ ପ୍ରତିଭାକୁ ପ୍ରସ୍ଫୁଟିତ କରିବାପାଇଁ ସୁରଭି କାର୍ଯ୍ୟକ୍ରମ ଏକ ଉପଯୁକ୍ତ କ୍ଷେତ୍ର ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ । ଗୁରୁଭକ୍ତିକୁ ପ୍ରାଧାନ୍ୟ ଦେଇ ସମର୍ପିତ ମନୋଭାବ ନେଇ କାର୍ଯ୍ୟ କଲେ ସଫଳ ହୋଇପାରିବ ବୋଲି ଶିଶୁମାନଙ୍କୁ ମୁଖ୍ୟଅତିଥି ବିଧାୟକ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ । ଉଦ୍ଘାଟନୀ କାର୍ଯ୍ୟକ୍ରମରେ ସଭା ସଞ୍ଚାଳନ କରିଥିଲେ ଅନନ୍ତ କୁମାର ପରିଡା ଓ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରାଉତ । ପରେ ଶିଶୁମାନଙ୍କ ମଧ୍ୟରେ ବକ୍ତୃତା, ବାଗ୍ମିତା, ପ୍ରବନ୍ଧ, କୁଇଜ, ସଂଗୀତ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ହସ୍ତଶିଳ୍ପ, ଚିତ୍ରକଳା, ହସ୍ତାକ୍ଷର ଓ ଶ୍ରୁତଲିଖନ, ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ହିରଣ୍ୟ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ, ସମ୍ମାନିତ ଅତିଥି ଭାବେ ଏଲିମେଣ୍ଟାରୀ ଓ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ଯଥା ରାଜେନ୍ଦ୍ର ପ୍ରସାଦ ରାଉତ, ରାଜକିଶୋର ବିଶ୍ୱାଳ, ଦାଶରଥି ନାୟକ, ଦୁଃଶାସନ ରାଉତ, ବିଭୁପ୍ରସାଦ ନାୟକ, ତପନ କୁମାର ଦାଶ ପ୍ରମୁଖ ଯୋଗଦେଇ ଥିଲେ । ସଭାକାର୍ଯ୍ୟକୁ ସଞ୍ଚାଳନ କରିଥିଲେ ମା ମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାନାଥ ମିଶ୍ର । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପରିଶେଷରେ ସିଆରସିସି ବିଭୁପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବ ପରିଚାଳନାରେ ସିଆରସିସି କିଶୋର ଚନ୍ଦ୍ର ଜେନା, ଅଚ୍ୟୁତାନନ୍ଦ ସାମଲ, ଅସଗର ଅଲ୍ଲୀ, ଦେବାଶିଷ ସାହୁ, ଶୈଲେନ ପରିଡା, ସ୍ନେହଲତା ପରିଡା, ପ୍ରଦୀପ ଖଟୁଆ, ତ୍ରୈଲୋଚନ ସାମଲ, ଶୁଭେନ୍ଦୁ ବେହେରା, ସେକ ଗୟାସୁଦ୍ଦିନ, ତପନ ଜେନା, ରଞ୍ଜନ କିଶୋର ରାଉତ, ଦେବୀପ୍ରସାଦ ଦାସ ଓ ଶିକ୍ଷକ ସଂଘର ନେତୃବୃନ୍ଦ ମାନଭଞ୍ଜନ ପ୍ରଧାନ, ଶୈଳବାଳା ସାମଲ, ଅଶୋକ ସାହୁ, ଦେବେନ୍ଦ୍ର ନାୟକ, ଶିବନାରାୟଣ ମହାନ୍ତି, କାକୁଲୀ ମଲ୍ଲିକ ଓ କଂସାର ସାହସପୁର ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ସଭ୍ୟା ଓ ଗ୍ରାମବାସୀମାନେ ସହଯୋଗ କରିଥିଲେ । ଶିଶୁମହୋତ୍ସବର ପ୍ରତ୍ୟେକ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲ୍ଲା ସ୍ତରୀୟ ଶିଶୁମହୋତ୍ସବ ସୁରଭିରେ ଆସନ୍ତା ନଭେମ୍ବର ଆଠ ତାରିଖ ଦିନ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରବେ ।

# ବାଲିପଦର ଠାରେ ଏକବିଂଶ ତମ ଧର୍ମ ଜାଗରଣ ସମ୍ମିଳନୀ

ବୁଗୁଡା,୪।୧୧:୨୦୨୪ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲିପଦର ମକର ପଡିଆ ଠାରେ ସମିତି ପକ୍ଷରୁ ୨୧ତମ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ବିଭିନ୍ନ ଧର୍ମ ସଂଗଠନ ପକ୍ଷରୁ ଏଗାର ଜଣ ପ୍ରବଚକ ସମ୍ମିଳନୀରେ ଯୋଗଦେଇ ନିଜନିଜ ସଂସ୍କାର ନିତୀ ଆଦର୍ଶ ଓ ଦର୍ଶନ ତତ୍ତ୍ୱର ବ୍ୟାଖ୍ୟା କରିଥିଲେ । ଗହଣ ଦଳ ପକ୍ଷରୁ ସର୍ଦ୍ଦାର ଲିଙ୍ଗରାଜ ଦାଶ ଯୋଗଦେଇ ଥିବାବେଳେ ସର୍ବଶ୍ରୀ ଗୋବିନ୍ଦ ନାହାକ ସନାତନ ଧର୍ମ, ରବୀନ୍ଦ୍ର ବେହେରା(ଠାକୁର ଅନୁକୂଳ ଚନ୍ଦ୍ର) ବ୍ରହ୍ମା କୁମାରୀ ଶିବ କନ୍ୟା (ଓଁ ଶାନ୍ତି) ଆର୍ଯ୍ୟ ସ୍ତୁତିପ୍ରିୟ(ଆର୍ଯ୍ୟ ସମାଜ) ସାଧୁ ପୂର୍ଣ୍ଣାନନ୍ଦ (ଅଲେଖ ମହିମା) ଆର. ଦୀନବନ୍ଧୁ (ସନ୍ଥ ନିରଙ୍କରୀ)ଗୌରୀ ପତି ଦାଶ(ସତ୍ୟସାଇ) ସିମାଞ୍ଚଳ ପାତ୍ର(ଗାୟତ୍ରୀ ପରିବାର) ଭାଗିରଥି ମହାପାତ୍ର (ଶ୍ରୀ ମା ଅରବିନ୍ଦ) ରାଜେନ୍ଦ୍ର କୁମାର ମହାରାଜ(ବୈଷ୍ଣବ ଧର୍ମ) ପ୍ରଭୃତି ଯୋଗଦେଇ ଶ୍ରଦ୍ଧାଳୁ ମାନଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ।ପ୍ରକାଶ ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ର ସଂଯୋଜନା କରିଥିବା ବେଳେ ଡ.ବିଜୟ ଚନ୍ଦ୍ର ମହାରଣା ବାର୍ଷିକ ବିବରଣୀ ପାଠକରି ଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ବିଶ୍ୱନାଥ ରଣା,ପ୍ରସନ୍ନ କୁମାର ବିଷୋୟୀ, ମଙ୍ଗୁଳୀ ପାତ୍ର, ନରସିଂହ ପାତ୍ର, ରାଜେନ୍ଦ୍ର ରାଉତ, ଇଂ.ବିପ୍ର ଚରଣ ପାତ୍ର, ଇଂ.ଲକ୍ଷ୍ମୀପ୍ରସାଦ ନାୟକ,ମାଧବ ଚନ୍ଦ୍ର ଭୋଳ,ଏ.ଧର୍ମରାଜ ପାତ୍ର, ଜି.ରାଜେଶ୍ୱର ପାତ୍ର,ଲକ୍ଷ୍ମଣ ଜେନା,ପି.କ୍ରୀଷ୍ଣା ରାଓ ଦୋରା,ରାଜେନ୍ଦ୍ର ମହାରଣା, ପୂର୍ଣ୍ଣ ଚନ୍ଦ୍ର ଦେନା, ଖଲିପାତ୍ର, ହରିହର ବିଷୋୟୀ, ରାଜଗୋପାଳ ନାୟକ, ଜି.ଭେଙ୍କେଟରତ୍ନ ପାତ୍ର, ପ୍ରମୋଦ ପାଢ଼ୀ, ସୁବାସ ଚନ୍ଦ୍ର ଗୌଡ, କାର୍ତ୍ତିକେଶ୍ୱର ବିଷୋୟୀ, କିଶୋର ଚନ୍ଦ୍ର ପାତ୍ର, ଇ. ନିଳାଚଳପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ଶେଷରେ ବୈଂଶୀଧର ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ ।





# ଭୁବନେଶ୍ୱରରେ ହେବ ସବୁଠାରୁ ବଡ କ୍ୟାରିୟର ଓ ୟୁନିଭର୍ସିଟି ଫେୟାର 'ପଥ ପ୍ରଦର୍ଶକ ୨.୦'

ଭୁବନେଶ୍ୱର,୪।୧୧ (ନି.ପ୍ର) : ଓଡିଶାର ଶୀର୍ଷ କ୍ୟାରିୟର ମାର୍ଗଦର୍ଶକ ଓ ପରାମର୍ଶଦାତା ସଂଗଠନ କ୍ୟାରିୟର ମ୍ୟାପ୍ ଆସନ୍ତା ନଭେମ୍ବର ୮ ଓ ୯ ତାରିଖରେ ପଥ ପ୍ରଦର୍ଶକ ୨.୦ର ପ୍ରତ୍ୟାବର୍ତନ ସମ୍ପର୍କରେ ଘୋଷଣା କରିଛି, ଯାହାକି ରାଜ୍ୟର ସବୁଠାରୁ ବଡ କ୍ୟାରିୟର ଓ ୟୁନିଭର୍ସିଟି ଫେୟାର ଅଟେ। ଭୁବନେଶ୍ୱରର ଜାଗମରା ରୋଡ୍‌ସ୍ଥିତ ଖଣ୍ଡଗିରି କ୍ରିକେଟ ପଡିଆରେ ଆୟୋଜିତ ହେବାକୁ ଯାଉଥିବା ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ, ଯାହା ୯ମ ଶ୍ରେଣୀରୁ ପୋଷ୍ଟଗ୍ରାଜୁଏଟ ସ୍ତର ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକମାନଙ୍କୁ ବିବିଧ ଶିକ୍ଷାଗତ ଓ କ୍ୟାରିୟର ମାର୍ଗ ଅନୁସନ୍ଧାନ କରିବା ପାଇଁ ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିବ। ଭାରତବ୍ୟାପୀ ୭୦ରୁ ଅଧିକ ପ୍ରତିଷ୍ଠିତ ୟୁନିଭର୍ସିଟି ଓ କଲେଜଗୁଡିକ ସମେତ ଆନ୍ତର୍ଜାତୀୟ ଶିକ୍ଷାନୁଷ୍ଠାନଗୁଡିକର




ଅଂଶଗ୍ରହଣ ସହିତ ପଥ ପ୍ରଦର୍ଶକ ୨.୦ରେ ବିଭିନ୍ନ ପ୍ରକାରର ଷ୍ଟଲ୍ ରହିବ ଯାହା ଇଞ୍ଜିନିୟରିଂଠାରୁ ଆରମ୍ଭ କରି ବ୍ୟବସାୟ, କଳା, ଫିଲ୍ମ, ମିଡିଆ, କ୍ରୀଡା, ଡିଜିଟାଲ ମାର୍କେଟିଙ୍ଗ୍ ଓ ଉଦୀୟମାନ କ୍ଷେତ୍ରଗୁଡିକରେ ଶିକ୍ଷାଗତ ଓ ବୃତିଗତ ସୁଯୋଗଗୁଡିକୁ ପ୍ରଦର୍ଶିତ କରିବ। ଅଂଶଗ୍ରହଣକାରୀମାନଙ୍କ ନିକଟରେ ଗୋଟିଏ ସ୍ଥାନରେ ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନଙ୍କ ସହ ସିଧାସଳଖ ଆଲୋଚନା କରିବା, ନାମଲେଖା ପ୍ରକ୍ରିୟା, ବୃତି ଓ ସ୍ୱତନ୍ତ୍ର କ୍ୟାରିୟର ମାର୍ଗ ସମ୍ପର୍କରେ ତଥ୍ୟ ହାସଲ କରିବାର ସୁଯୋଗ ରହିବ।

ପଥ ପ୍ରଦର୍ଶକ ୨.୦ ସହରର ସବୁଠାରୁ ବଡ ଶିକ୍ଷାଗତ ଓ ବୃତିଗତ ଉତ୍ସଗୁଡିକର ସମାବେଶର ଆୟୋଜନ କରୁଛି। ଏହି ଫେୟାର୍‌ର ଲକ୍ଷ୍ୟ ହେଉଛି ଓଡିଶାର ଯୁବପିଢିଙ୍କୁ ନିଜର ଭବିଷ୍ୟତ ସମ୍ପର୍କରେ ସୂଚିନ୍ତିତ ନିଷ୍ପତି ନେବା ପାଇଁ ସେମାନେ ଆବଶ୍ୟକ କରୁଥିବା ମାର୍ଗଦର୍ଶନ ପ୍ରଦାନ କରି ସଶକ୍ତ କରିବା, ଯାହା ସେମାନଙ୍କର ଆଗ୍ରହ ଓ ଆକାଂକ୍ଷା ସହ ମେଳ ଖାଉଥିବ। କ୍ୟାରିୟର ମ୍ୟାପ୍ ଓଡିଶାର ଯୁବପିଢିଙ୍କ ପାଇଁ ପ୍ରଭାବୀ ଶିକ୍ଷା ଓ କ୍ୟାରିୟର ବିକଳ୍ପ ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧ ରହିଛି। ଏନେଇ ଭୁବନେଶ୍ୱରର ଲାଇଫ୍ ହୋଟେଲ୍‌ଠାରେ ଏକ ପ୍ରେସ୍‌ମିଟ୍‌ର ଆୟୋଜନ କରାଯାଇଛି ଯେଉଁଠାରେ କ୍ୟାରିୟର ମ୍ୟାପ୍‌ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଯଶବନ୍ତ ନାରାୟଣ ସିଂହ ଲାଲ, ମୁଖ୍ୟ ପରିଚାଳନା ଅଧିକାରୀ ଅମିତ କୁମାର ତ୍ରିପାଠୀ ଓ ସାଧାରଣ ସମ୍ପାଦକ ଜ୍ୟୋତି ସରିତାଙ୍କ ସମେତ ଲିଡରସିପ୍ ଟିମ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଅଫରିଙ୍ଗଗୁଡିକ ବିଷୟରେ ଆଲୋଚନା କରାଯାଇଛି। କ୍ୟାରିୟର ମ୍ୟାପ୍ ହେଉଛି ଓଡିଶାର ଅଗ୍ରଣୀ କ୍ୟାରିୟର କାଉନ୍ସଲିଙ୍ଗ୍ ସଂସ୍ଥା ଯାହା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଗତ ଓ ବୃତିଗତ ସଫଳତା ଦିଗରେ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ ଉତ୍ସର୍ଗୀକୃତ ରହିଛି। ପଥ ପ୍ରଦର୍ଶକ ଓ ଅନ୍ୟାନ୍ୟ ପଦକ୍ଷେପ ଭଳି କାର୍ଯ୍ୟକ୍ରମଗୁଡିକ ମାଧ୍ୟମରେ କ୍ୟାରିୟର ମ୍ୟାପ୍ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଆଜିର ପ୍ରତିଯୋଗୀପୂର୍ଣ୍ଣ ପରିବେଶରେ ଉତ୍କର୍ଷତା ହାସଲ କରିବା ପାଇଁ ଆବଶ୍ୟକ ସୂଚନା, ସଂଶାଧନ ଓ ସହଯୋଗ ପ୍ରଦାନ କରୁଛି।

# ସାମସଙ୍ଗ ଆରଏଣ୍ଡଡ଼ି ପ୍ରତିଷ୍ଠାନ, ଗାର୍ଡ଼ନ ସିଟି ବିଶ୍ୱବିଦ୍ୟାଳୟ ସହ ମିଳିତ ଭାବେ ଆର୍ଟିଫିସିଆଲ ଇଂଟେଲିଜେନ୍ସି ଏବଂ ଯାନ୍ତ୍ରିକ ଶିକ୍ଷା ଉପରେ ନିଜସ୍ୱ ଜ୍ଞାନକୌଶଳ ସମ୍ବଳିତ ଏକ ଭାଷା ବିଜ୍ଞାନ ପ୍ରୟୋଗଶାଳା ପ୍ରତିଷ୍ଠା କରିବାକୁ ଯାଉଛି

ଭୁବନେଶ୍ୱର,୪।୧୧ : ସାମସଙ୍ଗ ଆରଏଣ୍ଡଡ଼ି ଇନଷ୍ଟିଚ୍ୟୁଟ ଇଣ୍ଡିଆ-ବାଙ୍ଗାଲୋର (ଏସଆରଆଇ-ବି), ଗାର୍ଡ଼ନ ସିଟି ବିଶ୍ୱବିଦ୍ୟାଳୟ (ଜିସିୟୁ), ବାଙ୍ଗାଲୋର ସହିତ ମିଳିତ ଆନୁକୁଲ୍ୟରେ ଏକ "ସାମସଙ୍ଗ ଷ୍ଟୁଡେଂଟ୍ ଇକୋସିଷ୍ଟମ ଫର ଇଞ୍ଜିନିୟର ଡ଼ାଟା (ଏସଇଇଡ଼ି) ଲାବ", ପ୍ରତିଷ୍ଠା କରିବାକୁ ଯାଉଛି ଯେଉଁଠାରେ ବିଦ୍ୟାର୍ଥୀଙ୍କୁ ଏଆଇ/ଏମଏଲ ଏବଂ ତଥ୍ୟ ଯାନ୍ତ୍ରିକୀ ସମ୍ପର୍କିତ ସମସ୍ତ ଆକର୍ଷଣୀୟ ସୁଯୋଗ ପ୍ରଦାନ କରିବା ସହିତ ସେମାନଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରାଯିବ। ଏହି ପ୍ରୟୋଗଶାଳାରେ ଜିସିୟୁ ସଭ୍ୟ ରହିଥିବା ବିଦ୍ୟାର୍ଥୀ ଆସନ୍ତା ପୀଢ଼ିର ଉନ୍ନତ ମାନର ବୈଷୟିକ ଜ୍ଞାନକୌଶଳ କ୍ଷେତ୍ର ଯେପରିକି ପ୍ରାକୃତିକ ଭାଷା ବୁଝାମଣା, ବକ୍ତବ୍ୟ ଏବଂ ଅନୁଶୀଳନୀ ଅନୁମୋଦନକାରୀ ଏବଂ ଯାନ୍ତ୍ରିକୀ ଶିକ୍ଷାର ସମସ୍ତ ବ୍ୟବସ୍ଥା ଅତି ନିକଟତର ଭାବରେ ଏସଆର ଆଇ-ବି ସହିତ ରହିଥିବା ବରିଷ୍ଠ ଯାନ୍ତ୍ରିକୀ ମାନଙ୍କ ଦ୍ୱାରା ସେମାନଙ୍କର ଅଭିଜ୍ଞତାକୁ ନେଇ ପ୍ରାପ୍ତ ହୋଇପାରିବେ।

ସାମସଙ୍ଗ ପୂର୍ବରୁ ଚାରୋଟି ଏସଇଇଡ଼ି ପ୍ରୟୋଗଶାଳାର ଶୁଭାରମ୍ଭ କରି ସାରିଛି ଯାହା ମଧ୍ୟରେ ରହିଛି କର୍ଣ୍ଣାଟକ ଏବଂ ତାମିଲନାଡ୍ରୁ (ଭିଆଇଟି-ଭେଲୋର ଏବଂ ଭିଆଇଟି-ଚେନ୍ନାଇ)ରେ ପ୍ରତ୍ୟେକ ଦୁଇଟି ଲେଖାଏଁ ଯେଉଁଠାରେ ୪୦୦ରୁ ଅଧିକ ବିଦ୍ୟାର୍ଥୀ ଏଆଇ ଏବଂ ତଥ୍ୟ ସମ୍ପର୍କିତ ପ୍ରକଳ୍ପ ଉପରେ କାର୍ଯ୍ୟରତ ଅଛନ୍ତି। "ଆମେ ଏଭଳି ଏକ




ବିକଶିତ କୌଶଳ ସହିତ ସାମିଲ ହୋଇ ଆଗକୁ ବଢ଼ି ଚାଲିଛୁ ଯାହା ଆଗରୁ କେବେ ନ ଥିଲା। ଆମେ ସ୍ଥାନୀୟ ଇକୋସିଷ୍ଟମ ସହିତ ତାଳ ଦେଇ ମିଳିତ ପ୍ରୟାସ ଜାରି ରଖିଛୁ ଯେଉଁଠାରେ ଭାରତୀୟ ଯାନ୍ତ୍ରିକୀ / ଭାଷାବିତ୍‌ମାନେ ସେମାନଙ୍କର ଦକ୍ଷତାକୁ ବିକଶିତ କରିବାରେ ଆହୁରି ଆଗକୁ ଯାଇପାରିବେ ଯାହା ସେମାନଙ୍କୁ କେବଳ ଶିଳ୍ପ ପ୍ରସ୍ତୁତିକାରୀ ଭାବରେ ପରିଚୟ ପ୍ରଦାନ କରିବ ତାହା ନୁହେଁ ସେମାନେ ଆଗାମୀ ଭବିଷ୍ୟତର ପଛ ପରିବର୍ତନକାରୀ ଭାବରେ ପ୍ରତୀୟମାନ ହୋଇପାରିବେ। ଗାର୍ଡ଼ନ ସିଟି ବିଶ୍ୱବିଦ୍ୟାଳୟ ସହିତ ଆମର କୌଶଳ ପଦ୍ଧତି ସମ୍ପର୍କିତ ସହଭାଗୀତା ଆଗାମୀ ବିକଶିତ ପଦକ୍ଷେପ ତଥା ନବୀକରଣୀୟ ସୁଯୋଗ ସୃଷ୍ଟି କରିବା ପାଇଁ ତଥା ଏ ସମ୍ପର୍କିତ ବିଭିନ୍ନ ପ୍ରକାରର ଉତ୍ପାଦନ ପ୍ରକ୍ରିୟା ପ୍ରସ୍ତୁତ କରିବାରେ ଭାରତରେ ଅନେକ ଗୁଡ଼ିଏ ସୁଯୋଗ ସୃଷ୍ଟି କରିପାରିବ", ଏଭଳି ମତବ୍ୟକ୍ତ କରି କହିଛନ୍ତି ମୋହନ ରାଓ ଗୋଲି, ମୁଖ୍ୟ ବୈଷୟିକ ଅଧିକାରୀ, ଏସଆର ଆଇ-ବି। ଜିସିୟୁରେ ରହିଥିବା ପ୍ରୟୋଗଶାଳା ଭାଷା ବିଜ୍ଞାନ ସମ୍ପର୍କିତ ସକ୍ଷମତାକୁ କାର୍ଯ୍ୟକାରୀ କରିବା ସହିତ ଏଆଇ ଏବଂ ବିବିଧ ଭାଷାଗତ, ତଥ୍ୟ କୈନ୍ଦ୍ରିକ ପ୍ରକଳ୍ପ ଜରିଆରେ ପାଖକୁ ପାଖ ଲାଗି ରହିଥିବା ତଥ୍ୟ ପାଇଁ ସୁଯୋଗ ସୃଷ୍ଟି କରିବ ଯାହା ମଧ୍ୟରେ ରହିଛି ଅନୁଶୀଳନ / ବକ୍ତବ୍ୟ ତଥ୍ୟ ଯାହାକି ଆସନ୍ତା ପୀଢ଼ି ପାଇଁ ବିଶ୍ୱସ୍ତରୀୟ ଭାଷା, ଯାନ୍ତ୍ରିକୀ (କ୍ୟୁରେସନ, ଲେବଲିଙ୍ଗ ତଥା ଅନ୍ୟାନ୍ୟ), ତଥ୍ୟ ପରିଚାଳନା ତଥା ସଂରକ୍ଷଣ ଦିଗରେ ଆଗକୁ ବଢ଼ାଇ ପାରିବ।

# ମହିନ୍ଦ୍ରା ପକ୍ଷରୁ ଇଲେକ୍ଟ୍ରିକ୍ ଏସ୍‌ୟୁଭି ଏକ୍ସଇଭି ୯ଇ ଓ ବିଇ ୬ଇ ଉନ୍ମୋଚିତ

ଭୁବନେଶ୍ୱର,୪।୧୧ (ନି.ପ୍ର) : ୨୦୨୪ ନଭେମ୍ବର୨୬ ତାରିଖରେ ଚେନ୍ନାଇଠାରେ ଅନୁଷ୍ଠିତ ହେବାକୁ ଥିବା ଅନଲିମିଟ୍ ଇଣ୍ଡିଆ ୱାର୍ଲଡ୍ ୱାର୍ଲଡ୍ ପ୍ରିମିୟର୍‌ର ଇଲେକ୍ଟ୍ରିକ୍ ଅରିଜିନ୍ ଆଇଏନଜିଏଲଓ ଢାଂଚାରେ ଦୁଇ ଅଗ୍ରଣୀ ଇଲେକ୍ଟ୍ରିକ୍ ବ୍ରାଣ୍ଡ୍ ଏକ୍ସଇଭି ଓ ବିଇକୁ ଉନ୍ମୋଚନ କରାଯାଇଛି। ଉଭୟ ବ୍ରାଣ୍ଡ୍ ପକ୍ଷରୁ ପ୍ରଥମ ଫ୍ଲାଗସିପ୍ ଉତ୍ପାଦ ଏକ୍ସଇଭି ୯ଇ ଓ ବିଇ ୬ଇକୁ ଉନ୍ମୋଚନ କରାଯିବ।

ଆଇଏନଜିଏଲଓ ଢାଂଚାରେ ପ୍ରସ୍ତୁତ କରାଯାଇଥିବା ଏହି ଉତ୍ପାଦ ହୃଦୟରେ ଭାରତୀୟ ଓ ଆଭିମୁଖ୍ୟ ବିଶ୍ୱସ୍ତରୀୟ ହୋଇଥିବା ବେଳେ ଏଥିରେ ବିଭିନ୍ନ ଇଂଟେଲିଜେଂଟ୍ ଓ ଆକର୍ଷଣୀୟ ନବସୃଜନ ରହିଛି। ଶ୍ରେଣୀର ଅଗ୍ରଣୀ ସୁରକ୍ଷା ମାନକଠାରୁ ଆରମ୍ଭ କରି ଉନ୍ନତ ପ୍ରଦର୍ଶନ, ରେଂଜ୍ ଓ ଦକ୍ଷତା ସହିତ ଆଇଏନଜିଏଲଓକୁ ବିବିଧ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଲାଗି ପ୍ରସ୍ତୁତ କରାଯାଇଛି।

ଏକ୍ସଇଭି ୯ଇ ବିଳାସପୂର୍ଣ୍ଣ ଇଲେକ୍ଟ୍ରିକ୍ ଯାନକୁ ପୁନପରିକଳ୍ପନା କରିବ ଏବଂ ବିଇ ୬ଇ ବଳିଷ୍ଠ, ସୌନ୍ଦର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ ପ୍ରଦାନ କରିବ। ଭାରତର ଏହି ଦୁଇ ସଂସ୍ଥା ଅତୁଳନୀୟ ଡିଜାଇନ୍, ପ୍ରଯୁକ୍ତି ଓ ପ୍ରଦର୍ଶନ ଜରିଆରେ ସାରା ବିଶ୍ୱରେ ସମସ୍ତଙ୍କୁ ଅତିକ୍ରମ କରିବାକୁ ପ୍ରସ୍ତୁତ।

# ଜିଓ ବିଶ୍ୱର ସର୍ବାଧିକ ଡାଟା ବ୍ୟବହାର ହେଉଥିବା ନେଟୱାର୍କ

ଭୁବନେଶ୍ୱର,୪।୧୧ : ଡାଟା ଟ୍ରାଫିକ୍ ଦୃଷ୍ଟିରୁ ରିଲାଏନ୍ସ ଜିଓ ବିଶ୍ୱର ସର୍ବବୃହତ ନେଟୱାର୍କ ହୋଇ ରହିଛି। ଜାନୁୟାରୀରୁ ସେପ୍ଟେମ୍ବର ୨୦୨୪ ମଧ୍ୟରେ ପ୍ରଥମ ତିନୋଟି ତ୍ରୟମାସର ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓ ଚୀନର କମ୍ପାନୀ ଚାଇନା ମୋବାଇଲ୍ ଠାରୁ କ୍ରମାଗତ ଭାବରେ ଆଗରେ ରହିଛି। ବିଶ୍ୱର ଦୂରସଂଚାର କ୍ଷେତ୍ରର ଅନୁଶୀଳନକାରୀ କମ୍ପାନୀ ଟେଫିସିଏଣ୍ଟ୍ ଅନୁଯାୟୀ ଜିଓ ଏବଂ ଚାଇନା ମୋବାଇଲ୍ ପରେ ଅନ୍ୟ ଏକ ଚୀନ କମ୍ପାନୀ ଚାଇନା ଟେଲିକମ୍ ଡାଟା ଟ୍ରାଫିକରେ ତୃତୀୟ ସ୍ଥାନରେ ଥିବାବେଳେ ଭାରତୀୟ କମ୍ପାନୀ ଏୟାରଟେଲ ଚତୁର୍ଥ ସ୍ଥାନରେ ରହିଛି। ଭୋଡା ଆଇଡିଆ ଷଷ୍ଠ ସ୍ଥାନ ହାସଲ କରିଛି।

ଟେଫିସିଏଣ୍ଟ ନିଜ ଟ୍ୱିଟରେ କହିଛନ୍ତି ଯେ ଚୀନ୍ କମ୍ପାନୀ ଚାଇନା ମୋବାଇଲ୍ ସମ୍ଭବତଃ ନିଜର ପ୍ରଭାବ ହରାଇଛି। ଚାଇନା ମୋବାଇଲରେ ବାର୍ଷିକ ଅଭିବୃଦ୍ଧି




ମାତ୍ର ୨% ହୋଇଥିବାବେଳେ ଜିଓ ଏବଂ ଚାଇନା ଟେଲିକମରେ ପ୍ରାୟ ୨୪% ଏବଂ ଏୟାରଟେଲରେ ୨୩% ଅଭିବୃଦ୍ଧି ଘଟିଛି। ୫ଜି ନେଟୱାର୍କର ଦୃଢ ଉପସ୍ଥିତି ପାଇଁ ଭାରତୀୟ କମ୍ପାନୀଗୁଡିକର ଡାଟା ଟ୍ରାଫିକ୍ ବୃଦ୍ଧି ପାଇଥିବା ଟେଫିସିଏଣ୍ଟ୍ ଦର୍ଶାଇଛି । ଏଥିସହିତ, ୫ଜି ଚୀନ୍‌ର ଡାଟା ଟ୍ରାଫିକ ଉପରେ ଭାରତ ଭଳି ପ୍ରଭାବ ପକାଇ ପାରି ନାହିଁ।

୫ଜି ଏବଂ ଘରୋଇ ବ୍ରଡବ୍ୟାଣ୍ଡ ପାଇଁ ରହିଥିବା ପ୍ରବଳ ଚାହିଦା ଜିଓର ବିଶ୍ୱରେ ଡାଟା ଟ୍ରାଫିକ୍ ଦୃଷ୍ଟିରୁ ଏକ ନମ୍ବର ହେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଗତ ତିନିବର୍ଷ ମଧ୍ୟରେ ଜିଓ ନେଟୱାର୍କରେ ଡାଟା ଟ୍ରାଫିକ୍ ପ୍ରାୟ ଦ୍ୱିଗୁଣିତ ହୋଇଛି। ଜିଓର ୫ଜି ନେଟୱାର୍କରେ ପ୍ରାୟ ୧୪ କୋଟି ୮୦ ଲକ୍ଷ ଗ୍ରାହକ ଯୋଡି ହୋଇଛନ୍ତି। ଜିଓ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସରେ ଏହାର ମୋଟ ଡାଟା ଟ୍ରାଫିକ୍ ୪୫ ଏକ୍ସାବାଇଟ୍ ଅତିକ୍ରମ କରିଛି।

# ପିଏନ୍‌ବି ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଆୟୋଜିତ

କଟକ : ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, କଟକ ମଣ୍ଡଳ ପକ୍ଷରୁ ୨୮ ଅକ୍ଟୋବର୨୦୨୪ରୁ ୩ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ବ୍ୟାଙ୍କର କଟକ ମଣ୍ଡଳର ମଣ୍ଡଳ ମୁଖ୍ୟ ଜଗବନ୍ଧୁ ପାଢୀଙ୍କ ନେତୃତ୍ୱରେ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏହି




ୱାକାଥନ୍ ସିଡିଏ ସେକ୍ଟର ୬ରୁ ଆରମ୍ଭ ହୋଇ ସତିଚଉରା ଛକ ପର୍ଯ୍ୟନ୍ତ ବିଭିନ୍ନ ସ୍ଲୋଗାନ ସହିତ ପହଞ୍ଚିଥିଲା। ଏହି ୱାକାଥନ୍ ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଉପରେ ସଚେତନତା ଆଣିବା ପାଇଁ ଚେଷ୍ଟା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଣ୍ଡଳ କାର୍ଯ୍ୟାଳୟର ଅଧିକାରୀଗଣ ଓ କଟକ ସିଟି ଶାଖାର କର୍ମଚାରୀଗଣ ଯୋଗ ଦେଇଥିଲେ। ଏହିପରି କାର୍ଯ୍ୟକ୍ରମ କରି ଲୋକମାନଙ୍କ ମଧ୍ୟରେ ଜାଗରୁକତା ସୃଷ୍ଟି କରିବାକୁ ଶ୍ରୀ ପାଢୀ ଆହ୍ୱାନ ଦେଇଥିଲେ। ମୁଖ୍ୟ ପ୍ରବନ୍ଧକ ଶ୍ରୀମତୀ ଲୋପାମୁଦ୍ରା କାନୁନ୍‌ଗୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲାୟନ୍ସ ଆଇଡ଼ଲ ୨୦୨୪-୨୫

ଭୁବନେଶ୍ୱର, ୪।୧୧ : ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ଲାୟନ୍ସ ୩୨୨ସି୪ ଦ୍ୱାରା "ଲାୟନ୍ସ ଆଇଡ଼ଲ" ପ୍ରତିଯୋଗୀତା ହୋଇଯାଇଛି। ଗତ ତା.୦୩.୧୧.୨୦୨୪ରିଖ ସଂନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଗୁରୁ କେଲୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଏହି ପ୍ରତିଯୋଗୀତା ଲାୟନ୍ସ ଜିଲ୍ଲା ପ୍ରତିନିଧି ସଂଯୁକ୍ତା ପତ୍ରୀଙ୍କ ତତ୍ତ୍ୱାବଧାନରେ ସମାପନ ହୋଇଛି। ଗତ ଅକ୍ଟୋବର ୨୦ ତାରିଖରେ ପ୍ରାଥମିକ ରାଉଣ୍ଡରେ ସବ୍ ଜୁନିୟର, ଜୁନିୟର ଏବଂ ସିନିୟର ଏହିପରି ତିନୋଟି ବିଭାଗରେ ପ୍ରାୟ ୩୫ଜଣ ପ୍ରତିଯୋଗୀ ଚୟନ ହୋଇ ଫାଇନାଲ ରାଉଣ୍ଡରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଗଭର୍ଣ୍ଣର ସରସ୍ୱତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ସଂଯୁକ୍ତା ପତ୍ରୀଙ୍କର ଏହି ପଦକ୍ଷେପକୁ ବହୁ ପ୍ରଶଂସା କରିଥିଲେ। ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସୌରଭ



ନାୟକ, ଲୋଭା ବିଶ୍ୱାଳ, ଶୈଳେନ୍ଦ୍ର ପାତ୍ର ଓ ଶୈଳବାଳା ମହାପାତ୍ର ବିଚାରକ ଭାବେ ଉପସ୍ଥିତ ରହି ନିରପେକ୍ଷ ଚୟନ କରିଥିଲେ। ଉକ୍ତ ଅବସରରେ ପ୍ରଖ୍ୟାତ ଗାୟୀକା ତୃପ୍ତୀ ଦାସ, ଗୀତା ପଟ୍ଟନାୟକ ଓ ଗାୟକ ଦିବାକାର ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତିଯୋଗୀତାର ସବ୍‌ଜୁନିୟର:-ପ୍ରଥମ-ଅର୍ଣ୍ଣିତା ବିଶ୍ୱାଳ, ଦ୍ୱିତୀୟ-ସଚି ପ୍ରିୟଦର୍ଶିନୀ, ତୃତୀୟ-ପ୍ରତ୍ୟୁଶ ସେହିପରି ଜୁନିୟର :- ପ୍ରଥମ-ନିହାରୀକା, ଦ୍ୱିତୀୟ-ସାଇ ପ୍ରିୟଂଶୀ, ତୃତୀୟ-ଦେବାଂଶୀ, ସିନିୟର-ପ୍ରଥମ-ବୈଷ୍ଣବୀ, ଦ୍ୱିତୀୟ-ସାଇଶ୍ରୀ ପ୍ରଧାନ, ତୃତୀୟ-ସ୍ୱୀକୃତି ସାହୁ ସ୍ଥାନ ଅଧିକାର କରିଥିଲେ। ଏହି ବିଜୟତା ପ୍ରତିଯୋଗୀମାନଙ୍କ ମଧ୍ୟରୁ ପ୍ରତି ପ୍ରଥମ ବିଜେତାଙ୍କୁ ୫ହଜାର, ପ୍ରତି ଦ୍ୱିତୀୟ ବିଜେତାଙ୍କୁ ୩ହଜାର ଟଙ୍କା ଓ ତୃତୀୟ ବିଜେତାଙ୍କୁ ୨ହଜାର ଟଙ୍କା ସହିତ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ମନୋରଞ୍ଜନ କାର୍ଯ୍ୟକ୍ରମରେ ଉପ ଜିଲ୍ଲା ଗଭର୍ଣ୍ଣର ହେମନ୍ତ ଖୁଣ୍ଟିଆ ବହୁ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଓ ଅନେକ ଲାୟନ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ଲାୟନ ସୁରଭୀ ଦାସ ଉକ୍ତ ମନୋରମ ସଂନ୍ଧ୍ୟାକୁ ସୁଚାରୁରୂପେ ପରିଚାଳନା କରିଥିଲେ। ସର୍ବଶେଷରେ ଉପ ଜିଲ୍ଲା ପ୍ରତିନିଧି ଲାୟନ ରଶ୍ମୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୱାର୍ଡୱିଜାର୍ଡ ଇନୋଭେସନ୍ସ ମୋବିଲିଟି ପକ୍ଷରୁ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ଲାଲ୍ ରଙ୍ଗରେ ଉନ୍ମୋଚିତ

ଭୁବନେଶ୍ୱର,୪।୧୧ (ନି.ପ୍ର) : ଦେଶର ଅଗ୍ରଣୀ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ନିର୍ମାତା ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଲିମିଟେଡ୍ ପକ୍ଷରୁ ଲୋକପ୍ରିୟ ମଡେଲ୍ ହାଇସ୍ପିଡ୍ ବର୍ଗରେ ଜେନ୍ ନେକ୍ସଟ୍ ନାନୁ+ ଓ ଲୋ ସ୍ପିଡ୍ ବର୍ଗରେ ଜେନ୍ ନେକ୍ସଟ୍ ନାନୁକୁ ଲାଲ୍ ରଙ୍ଗରେ ଉନ୍ମୋଚନ କରାଯାଇଛି। ଉଭୟ ପ୍ରଦର୍ଶନ ଓ ବ୍ୟକ୍ତିତ୍ୱ ପ୍ରଦାନ କରୁଥିବା ପରିବେଶ ଅନୁକୂଳ ଗମନାଗମନ ଓ ରାସ୍ତାରେ ବଳିଷ୍ଠ ପ୍ରଦର୍ଶନ ଚାହୁଁଥିବା ଗ୍ରାହକଙ୍କୁ ଏହି ନୂଆ ଭାରିଆଂଟ୍ ଅଧିକ ବିକଳ୍ପ ପ୍ରଦାନ କରିବ।

ଉତ୍ସବ ପାଳନର ଅଂଶ ସ୍ୱରୂପ ୱାର୍ଡୱିଜାର୍ଡ ପକ୍ଷରୁ ଲାଲ ରଙ୍ଗରେ ଉପସ୍ଥାପନ କରାଯାଇଥିବା ଲୋକପ୍ରିୟ ଇ-ସ୍କୁଟର ହେଉଛି ସୌନ୍ଦର୍ଯ୍ୟ, ଶକ୍ତି ଓ ସମ୍ଭ୍ରାନ୍ତର ପ୍ରତୀକ। ଏହି ନୂଆ ରଙ୍ଗ ଭାରିଆଂଟ ସାରା ଭାରତରେ ଥିବା କମ୍ପାନିର ସମସ୍ତ ସ୍ୱୀକୃତିପ୍ରାପ୍ତ ଡିଲରସିପ୍ ଓ ବିତରକରଙ୍କଠାରେ ଉପଲବ୍ଧ ହୋଇଛି। ଏହା ଦ୍ୱାରା ଗ୍ରାହକମାନେ ସୁବିଧାରେ ନିଜ ଜୀବନଶୈଳୀକୁ ସୁହାଇବା ଭଳି ଇଲେକ୍ଟ୍ରିକ୍ ଯାନ କିଣିପାରିବେ।



ଏହି ଉନ୍ମୋଚନ ସମ୍ପର୍କରେ ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଲିମିଟେଡ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଯତିନ୍ ଗୁପ୍ତେ କହିଛନ୍ତି ଯେ, "ଆମର ଜେନ୍ ନେକ୍ସଟ୍ ନାନୁ+ ଓ ଜେନ୍ ନେକ୍ସଟ ନାନୁ ମଡେଲକୁ ନୂତନ ରଙ୍ଗରେ ଉପସ୍ଥାପନ କରିଥିବାରୁ ଆମେ ଆନନ୍ଦିତ ଯାହା ଉତ୍ସବ ଋତୁର ଭାବକୁ ବହୁତ ଭଲ ଭାବେ ତୋଳିଧରିଛି। ଅଭିନବ ଓ ସୁଲଭ ପରିବେଶ ମିତବ୍ୟୟୀ ଗମନାଗମନ ସମାଧାନ ଜରିଆରେ ଉତ୍ସବ ଋତୁକୁ ସ୍ମରଣୀୟ କରିବାରେ ସହାୟକ ହେବା ଓ ଗ୍ରାହକ ଅନୁଭୂତିକୁ ବଢ଼ାଇବା ଲାଗି ଆମେ ଉତ୍ସର୍ଗୀକୃତ ରହିଛି।"

ଜେନ୍ ନେକ୍ସଟ୍ ନାନୁ+ର ଲାଲ ରଙ୍ଗ ମଡେଲ୍‌ର ଏକ୍ସ ସୋ'ରୁମ୍ ଦାମ୍ ୮୮,୦୦୦ ଟଙ୍କା ରହିଥିବା ବେଳେ ଜେନ୍ ନେକ୍ସଟ୍ ନାନୁ ମୂଲ୍ୟ ୭୫,୦୦୦ ଟଙ୍କା ରହିଛି।

ଜେନ୍ ନେକ୍ସଟ ନାନୁରେ ୬୦ ଭି ୩୧ ଏଏଚ୍ ଏନ୍‌ଏମ୍‌ସି ବ୍ୟାଟେରି, ଡିସି ବ୍ରସଲେସ୍ ହବ୍ ମୋଟର, ୨୫୦ ୱାଟ୍ ଡ୍ରାଇଭ୍ ମୋଟର, ୧୮୦ ଏମଏମ ଗ୍ରାଉଣ୍ଡ କ୍ଲିୟରାନ୍ସ, ହାଇଡ୍ରଲିକ୍ ଡିସ୍କ ବ୍ରେକ୍, ଏଲସିଡି ଡିସ୍‌ପ୍ଲେ, ୟୁଏସ୍‌ବି ଚାର୍ଜିଂ ଭଳି ସୁବିଧା ରହିଛି। ଫୁଲ୍ ଚାର୍ଜ ହେଲେ ଏହା ୯୦-୧୦୦ କିମି ଯାତ୍ରା କରିପାରିବ ଓ ଏହାର ଶ୍ରେଷ୍ଠ ସ୍ପିଡ୍ ୨୫ କେଏମପିଏଚ୍ ରହିଛି। ଜେନ୍ ନେକ୍ସଟ୍ ନାନୁ+ରେ ୬୦ ଭି ୩୬.୪ ଏଏଚ୍ ବ୍ୟାଟେରି, ଡିସି ବ୍ରସଲେସ ହବ୍ ମୋଟର, ୧୫୦୦ ୱାଟ୍ ଡ୍ରାଇଭ୍ ମୋଟର, ୧୩୫୦ ହ୍ୱିଲ୍ ବେସ୍, ୧୮୦ ଏମଏମ ଗ୍ରାଉଣ୍ଡ କ୍ଲିୟରାନ୍ସ, ଡିଜିଟାଲ ସ୍ପିଡୋମିଟର, ହାଇଡ୍ରଲିକ୍ ଡିସ୍‌କେ ବ୍ରେକ୍, ୪.୩ ଇଂଚ ରଙ୍ଗିନ ଟିଲ୍‌ଟ ଡିସ୍‌ପ୍ଲେ, ୟୁଏସବି ଚାର୍ଜିଂ ଭଳି ସୁବିଧା ରହିଛି। ଏହାର ଶ୍ରେଷ୍ଠ ସ୍ପିଡ୍ ହେଉଛି ୫୫ କେଏମପିଏଚ୍।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଗୁଣବତ୍ତା ମାସ ଆରମ୍ଭ

ବ୍ରହ୍ମପୁର,୪।୧୧ : ନଭେମ୍ବର: ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ(ଟିପିଏସ୍‌ଓଡିଏଲ୍) ପକ୍ଷରୁ ମାସ ବ୍ୟାପୀ 'ଗୁଣବତ୍ତା ମାସ' ଆରମ୍ଭ ହୋଇଛି। ବୈଶ୍ୱିକ ଥିମ୍ 'ଗୁଣବତ୍ତା: ଅନୁପାଳନ ଠାରୁ ପ୍ରଦର୍ଶନ'କୁ ନେଇ ଏହି କାର୍ଯ୍ୟକ୍ରମ ପାଳିତ ହେଉଅଛି। ଟିପିଏସ୍‌ଓଡିଏଲର ପ୍ରତ୍ୟେକ କାର୍ଯ୍ୟରେ ଗୁଣବତ୍ତାକୁ ବଜାୟ ରଖିବା ପାଇଁ ଏହି ପଦକ୍ଷେପ ବାର୍ତ୍ତା ଦେଉଛି। ପ୍ରତି ବର୍ଷ ନଭେମ୍ବରରେ ବିଶ୍ୱବ୍ୟାପୀ ପାଳିତ ହେଉଥିବା ଗୁଣବତ୍ତା ମାସ ଆଧାରରେ ଟିପିଏସ୍‌ଓଡିଏଲରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଉଛି। ଏଥିରେ କମ୍ପାନୀ ଦୈନନ୍ଦିନ କାର୍ଯ୍ୟରେ ଗୁଣବତ୍ତା ମାନଦଣ୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଉଛି। ଗୁଣବତ୍ତା ମାସର ଉଦଘାଟନୀ କାର୍ଯ୍ୟକ୍ରମରେ ଟିପିଏସ୍‌ଓଡିଏଲର କର୍ପୋରେଟ କାର୍ଯ୍ୟାଳୟରେ ଶପଥ ପାଠ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ କମ୍ପାନୀର କର୍ମଚାରୀମାନେ ନିତିଦିନିଆ କାର୍ଯ୍ୟରେ ଉତ୍କର୍ଷତା ବଜାୟ ରଖିବା ପାଇଁ ଶପଥ ନେଇଥିଲେ। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶପଥ ପାଠ କରିଥିଲେ। ଏହି ଅବସରରେ ଗୁଣବତ୍ତାକୁ ନେଇ କମ୍ପାନୀର ପ୍ରତିବଦ୍ଧତା ସମ୍ପର୍କରେ ଶ୍ରୀ ଗର୍ଗ କହିଛନ୍ତି, 'ଆମର ଉଦ୍ଦେଶ୍ୟ କେବଳ ଗୁଣବତ୍ତା ମାନକ ଅନୁପାଳନରେ ସୀମିତ ନୁହେଁ, ବରଂ ଆମେ କମ୍ପାନୀର ପ୍ରତ୍ୟେକ କାମରେ ଗୁଣବତ୍ତାକୁ ସାମିଲ କରିଛୁ। ଏହା ଦ୍ୱାରା ଆମେ ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ଯୋଗାଇବା ସହ ସେମାନଙ୍କ ବିଶ୍ୱାସଭାଜନ ହୋଇପାରିଛୁ। ଟିପିଏସ୍‌ଓଡିଏଲରେ ପାଳନ କରାଯାଉଥିବା ଏହି ଗୁଣବତ୍ତା ମାସ ଆମକୁ ଦୀର୍ଘସ୍ଥାୟୀ ଗୁଣାତ୍ମକ ସେବା ଯୋଗାଇବାରେ ସଶକ୍ତ କରିବା ସହ ଗୁଣବତ୍ତା



ଉତ୍କର୍ଷତାର ଏକ ମାନଦଣ୍ଡ ସ୍ଥାପନ କରିବାରେ ସହାୟକ ହେବ।' ଏହି ଉପଲକ୍ଷେ ନଭେମ୍ବର ମାସରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଗୁଣବତ୍ତା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ କର୍ମଚାରୀମାନେ ସାମିଲ ହେବା ସହ ନିରନ୍ତର ପ୍ରଗତିକୁ ଆଗେଇ ନେବା ପାଇଁ ପ୍ରେରଣା ପାଇବେ। ଏହି ପଦକ୍ଷେପରେ ପ୍ରକ୍ରିୟା ଉନ୍ନତିକରଣ କର୍ମଶାଳା, ୫ଏସ୍ ଉନ୍ନତୀକରଣ ପ୍ରତିଯୋଗିତା, କୁଇଜ୍, ସ୍ଲୋଗାନ, ପୋଷ୍ଟର, ପ୍ରବନ୍ଧ ଲିଖନ, କ୍ୱାଲିଟି ଇନିସିଏଟିଭ ପ୍ରତିଯୋଗିତା ଇତ୍ୟାଦି ଆୟୋଜିତ ହେବ। ପ୍ରତ୍ୟେକ କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍କୃଷ୍ଟ ମାନଦଣ୍ଡ ପାଇଁ ପ୍ରେରଣା ଯୋଗାଇବା ସହ କମ୍ପାନୀର ଅପରେସନରେ ଗୁଣବତ୍ତାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରାଯିବ। ଏହି ଗୁଣବତ୍ତା ମାସ ପାଳନ ଦ୍ୱାରା ଟିପିଏସ୍‌ଓଡିଏଲ୍ ଗୁଣବତ୍ତା ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି। ଯାହା ଫଳରେ ଦକ୍ଷିଣ ଓଡ଼ିଶାରେ ଭରସାଯୋଗ୍ୟ ବିଦ୍ୟୁତ ବିତରଣ ଦିଗରେ କମ୍ପାନୀର ପ୍ରତିବଦ୍ଧତା ଆହୁରି ସୁଦୃଢ଼ ହେବା ସହ ଗୁଣବତ୍ତାର ଉନ୍ନତ ମାନଦଣ୍ଡ ସୁନିଶ୍ଚିତ ହୋଇପାରିବ ।

# ତୋଟାହନୁମାନ ମନ୍ଦିର ସମ୍ମୁଖରୁ ବାଇକ ଚୋରୀ

ଖଣ୍ଡପଡା,୪।୧୧(ନିପ୍ର) : ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ତୋଟା ହନୁମାନ ମନ୍ଦିର ସମ୍ମୁଖରୁ କେହି ଦୁର୍ବୃତ ସୋମବାର ଏକ ବାଇକ ଚୋରୀ କରି ନେଇଥିବା ନେଇ ଖଣ୍ଡପଡା ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଖଣ୍ଡପଡା ସହରର ମଙ୍ଗଳାସାହି ବାସିନ୍ଦା ଗୋପିନାଥ ବେହେରା ବାଇକ ଯୋଗେ ଖଳିସାହି ତୋଟା ହନୁମାନ ମନ୍ଦିରକୁ ସକାଳ ୮ଟା ସମୟରେ ଯାଇଥିଲେ। ମନ୍ଦିର ସମ୍ମୁଖରେ ବାଇକ ରଖି ସେ ମନ୍ଦିର ଭିତରକୁ ବିଗ୍ରହଙ୍କୁ ଦର୍ଶନ କରିବାକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ କେହି ଦୁର୍ବୃତ ତାଙ୍କର ବାଇକଟିକୁ ଚୋରୀ କରି ନେଇଥିବା ଜଣାପଡିଛି । ଚୋରୀ ଯାଇଥିବା ବାଇକ୍‌ଟିର ନଂ ଓଡ଼ି-୦୫ଡ଼ି-୪୯୪୭ ଅଟେ ବୋଲି ଜଣାପଡ଼ିଛି। ଅଭିଯୋଗ ଆଧାରରେ ଖଣ୍ଡପଡ଼ା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ନିହାର ରଂଜନ ମହାନ୍ତିଙ୍କ ଠାରୁ ପ୍ରକାଶ। ସୂଚନାଯୋଗ୍ୟ ଗତ କିଛି ମାସ ବ୍ୟବଧାନରେ ଖଣ୍ଡପଡା ଓ ଖଳିସାହି ଅଂଚଳରେ ପୁଣି ବାଇକ ଚୋରୀ ର୍ୟାକେଟ ସକ୍ରୀୟ ହୋଇ ଉଠିଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ଖଣ୍ଡପଡ଼ା ଏସ୍‌ଡ଼ିପିଓ ଓ ନୟାଗଡ଼ ଏସ୍‌ପି ଦୃଷ୍ଟି ଦେବାକୁ ଦାବି ହେଉଛି।



# ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ଆନୁକୂଲ୍ୟରେ ରାଷ୍ଟ୍ରୀୟ ସଂକଳ୍ପ ଦିବସ ଓ ରାଜ୍ୟସ୍ତରୀୟ ସମାରୋହ ଅନୁଷ୍ଠିତ



ଭୁବନେଶ୍ୱର,୪।୧୧ (ନି.ପ୍ର) : ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ୪୦ ତମ ଶ୍ରାଦ୍ଧ ଦିବସ ଅବସରରେ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟତା କ୍ରମେ ଅକ୍ଟୋବର ୩୧ ତାରିଖ ଦିନ ଭୁବନେଶ୍ୱରସ୍ଥିତ ଇନ୍ଦିରା ଗାନ୍ଧୀ ପାର୍କଠାରେ ସମିତିର ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ସଂକଳ୍ପ ଦିବସ ରାଜ୍ୟସ୍ତରୀୟ ସମାରୋହ୍ହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ମୃତି ସମିତିର ସାଧାରଣ ସମ୍ପାଦକ ଅମିୟ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧାସୁମନ ଅର୍ପଣ, ବିଭିନ୍ନ ଧର୍ମଗୁରୁଙ୍କଦ୍ୱାରା ସର୍ବଧର୍ମ ପ୍ରାର୍ଥନା ଓ ଇନ୍ଦିରାଜୀଙ୍କ ଜୀବନୀ ଉପରେ ଆଧାରିତ ପାଲା, ଭଜନ ଓ ବିଭିନ୍ନ ଆଧାତ୍ମୀକବାଦ୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ରାମଚନ୍ଦ୍ର କାଡ଼ମ, କଟକ-ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ଜୟଦେବ ଜେନା ପ୍ରମୁଖ ସମ୍ମାନୀତ ଅତିଥିରୂପେ ଯୋଗଦେଇ ଇନ୍ଦିରାଜୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଦେଶକୁ ଶକ୍ତିଶାଳୀ କରିବା ସହିତ ଦେଶର ଏକତା, ସଂହତି, ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ଉଜ୍ଜିବୀତ କରି ରଖିବାରେ ଇନ୍ଦିରାଜୀଙ୍କ ସାମଗ୍ରୀକ ଜୀବନ ଉତ୍ସର୍ଗୀକୃତ ଥିଲା ବୋଲି ବକ୍ତାମାନେ କହିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସମବେତ ଜନତାଙ୍କୁ ରାଷ୍ଟ୍ରୀୟ ସଂକଳ୍ପ ଶପଥପାଠ କରାଯାଇଥିଲା। ପରିଶେଷରେ ସମାଜସେବୀ ବିଶ୍ୱଜିତ୍ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ଉକ୍ତ ସମିତିକୁ ସହଯୋଗ କରାଯାଇଥିବାରୁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ପୂର୍ବକ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ସମାରୋହରେ ବିଭିନ୍ନ ବର୍ଗର ବ୍ୟକ୍ତି, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସଂସ୍କୃତିପ୍ରେମୀ ବିପୁଳ ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ।

## ସୋଆରେ ଶିଳ୍ପ ଏବଂ ସାମୁଦ୍ରିକ ଜୈବପ୍ରଯୁକ୍ତିବିଦ୍ୟା ଉପରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଆରମ୍ଭ

# ଆଂଟିବାୟୋଟିକ୍‌କୁ ଅଧିକ ବିକଶିତ କରିବା ନିମନ୍ତେ ସମାଜର ସବୁବର୍ଗଙ୍କ ସହଯୋଗ ଆବଶ୍ୟକ: ବିଶେଷଜ୍ଞ

ଭୁବନେଶ୍ୱର,୪।୧୧ : କୋଭିଡ ମହାମାରୀରେ ଭାରତରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ଜୀବନର ରକ୍ଷାକାରୀ ସାଜିଥିଲା ଜୀବାଣୁକୁ ଅକାମୀ କରୁଥିବା ଆଂଟିବାୟୋଟିକ। ତେଣୁ ଏଭଳି ଆଂଟିବାୟୋଟିକ୍‌ଗୁଡ଼ିକୁ ଅଧିକ ମାତ୍ରାରେ ବିକଶିତ କରିବା ପାଇଁ ସମାଜର ସହଯୋଗର ଆବଶ୍ୟକତା ରହିଛି। ଏହା ଜାତୀୟ ସୁରକ୍ଷା ନିମନ୍ତେ ଆବଶ୍ୟକ ବୋଲି ଶିଳ୍ପ ଏବଂ ସାମୁଦ୍ରିକ ଜୈବପ୍ରଯୁକ୍ତିବିଦ୍ୟା ଉପରେ ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଆରମ୍ଭ ହୋଇଥିବା ଦୁଇ ଦିନିଆ ଜାତୀୟ ସମ୍ମିଳନୀରେ ବିଶେଷଜ୍ଞ ମତ ଦେଇଛନ୍ତି। ନଭେମ୍ବର ୪ ଓ ୫ ଦୁଇ ଦିନ ଧରି 'ରିସର୍ଚ୍ଚ ଆଣ୍ଡ ଇନୋଭେସନ୍‌ସ ଇନ୍ ଇଣ୍ଡଷ୍ଟ୍ରିଆଲ୍ ଆଣ୍ଡ ମେରାଇନ୍ ବାୟୋଟେକ୍ନୋଲୋଜି: ଏ ସର୍କୁଲାର ଇକୋନୋମି' ଶୀର୍ଷକ ଜାତୀୟ କର୍ମଶାଳାର ଆୟୋଜନ କରାଯାଇଥିବାବେଳେ ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚେନ୍ନାଇର ବି.ଏସ୍. ଅବ୍‌ଦୁର ରହେମାନ୍ କ୍ରେସେଂଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଡିମ୍‌ଡ଼ି ଟୁ ବି ୟୁନିଭର୍ସିଟି)ର ଉପକୁଳପତି ପ୍ରଫେସର ଏନ୍. ତାଜୁଦ୍ଦିନ କହିଥିଲେ ଯେ ବିଶ୍ୱରେ ବର୍ତ୍ତମାନ ପରିବେଶର ପ୍ରଦୂଷଣ ଏବଂ ପୁଷ୍ଟିହୀନତା ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏଥି ନିମନ୍ତେ ଜୈବବିଜ୍ଞାନର ସହଯୋଗର ଅନେକ ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ କୃଷି କ୍ଷେତ୍ରକୁ ବିକଶିତ କରିବା ପାଇଁ ଜୈବବିଜ୍ଞାନ ହିଁ ଏକ ମାତ୍ର ଆଶାର ଆଲୋକ। କୃଷି ଏବଂ ଜୈବବିଜ୍ଞାନ ହାତ ମିଶାଇଲେ ହିଁ ବିଜ୍ଞାନ ବିକଶିତ ହେବ ବୋଲି ସେ କହିଛନ୍ତି। ଜୈବବିଜ୍ଞାନ ହିଁ ଭବିଷ୍ୟତର ବୈଷୟିକ



ଜ୍ଞାନକୌଶଳ ବୋଲି ସେ କହିଥିବା ବେଳେ ଭାରତରେ ବର୍ତ୍ତମାନ ଜୈବବିଜ୍ଞାନ କ୍ଷେତ୍ରରେ ୬୦୦୦ଷ୍ଟାର୍ଟଅପ୍, ୭୬୦ଟି କମ୍ପାନୀ ଏବଂ ୮୦୦ଟି ଉତ୍ପାଦ ଉପଲବ୍ଧ ବୋଲି ସେ ସୂଚନା ଦେଇଥିଲେ।

ପ୍ରତ୍ୟେକ ପଦାର୍ଥର ପୁନଃବ୍ୟବହାର ଏବଂ ପୁନଃପରିଚାଳନା ହେଉଛି ଜୈବବିଜ୍ଞାନର ପ୍ରକୃତ ଉଦ୍ଦେଶ୍ୟ ବୋଲି ପ୍ରଫେସର ରାଉଳ କହିଛନ୍ତି।

ସୋଆ ପରିଚାଳିତ ସେଂଟର ଫର୍ ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚ (ସିଆଇବିଆର) ଏହି କର୍ମଶାଳାର ଆୟୋଜନ କରିଥିବାବେଳେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧିନସ୍ଥ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ ଏହାର ପୃଷ୍ଠପୋଷକ ରହିଛି। ଏହା ବ୍ୟତୀତ ନ୍ୟାସ୍‌ନାଲ୍ ରିସର୍ଚ୍ଚ ଡେଭଲପ୍‌ମେଂଟ କର୍ପୋରେସନ୍ (ଏନଆରଡିସି) ଓ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ସୋସାଇଟି ଅଫ୍ ଇଣ୍ଡିଆର ମିଳିତ ସହଯୋଗରେ ଏହା ଆୟୋଜିତ ହେଉଛି।

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଥିଲେ ଯେ ୨୦୨୫ ନଭେମ୍ବର ମାସରେ ସୋଆ ପକ୍ଷରୁ ଜୈବବିଜ୍ଞାନକୁ ନେଇ ଏକ ଆନ୍ତର୍ଜାତିକ କର୍ମଶାଳାର ଆୟୋଜନ କରାଯାଉଥିବା ବେଳେ ଏହା ପୂର୍ବରୁ ଏହି ସମ୍ମିଳନୀର ଗୁରୁତ୍ୱ ରହିଛି। ଗବେଷଣାକୁ ଅଧିକ ଗୁରୁତ୍ୱ ଦେଉଥିବା ସୋଆରେ ୧୯ଟି ଗବେଷଣା କେନ୍ଦ୍ର ରହିଥିବା ବେଳେ ସିଆଇବିଆର୍ ଏହାର ୧୮ତମ ଗବେଷଣା କେନ୍ଦ୍ର ବୋଲି ପ୍ରଫେସର ନନ୍ଦ କହି ଏହି ବିଷୟକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା କହିଥିଲେ।

କାର୍ଯ୍ୟକ୍ରମରେ କୋଲକାତା ସ୍ଥିତ ୟୁଜିସି-ଡିଏଇ ସିଏସ୍‌ଆର୍‌ର ପ୍ରମୁଖ ବୈଜ୍ଞାନିକ ଡକ୍ଟର ଅନିନ୍ଦିତା ଚକ୍ରବର୍ତ୍ତୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଯୁକ୍ତିବିଦ୍ୟା ବିନା ବିଜ୍ଞାନର ଅସ୍ତିତ୍ୱ ନାହିଁ ବୋଲି କହିବା ସହ ସୋଆର ଏହି ପଦକ୍ଷେପ ଖୁବ୍ ପ୍ରଶଂସନୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୋଆ ସିଆଇବିଆର୍‌ର ନିର୍ଦ୍ଦେଶକ ତଥା ଏହି ଜାତୀୟ ସମ୍ମିଳନୀର ଆବାହକ ପ୍ରଫେସର ହୃଦୟନାଥ ଥାଟୋଇ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସଂପୃକ୍ତ କେନ୍ଦ୍ର ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱରେ ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲଜି ଓ ମେରାଇନ୍ ବାୟୋଟେକ୍ନୋଲଜିର ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଭଳି ଜଟିଳ କ୍ଷେତ୍ରରେ ବିଶେଷ ଭୂମିକା ରହିଛି। ଏହି ବିଷୟ ବସ୍ତୁକୁ ନେଇ ହିଁ ସମ୍ମିଳନୀର ଆୟୋଜନ କରାଯାଇଥିବା ପ୍ରଫେସର ଥାଟୋଇ କହିଥିଲେ।

ସମ୍ମିଳନୀରେ ବିଶିଷ୍ଟ ଗବେଷକ, ଶିଳ୍ପ ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରକ ଯୋଗ ଦେଇଛନ୍ତି।

୨୦୨୩ ମସିହାରେ ସୋଆ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ସିଆଇବିଆର୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମୁଦ୍ର, କୃଷି, ପରିବେଶ, ଫାର୍ମାସ୍ୟୁଟିକ୍ସ ଏବଂ ମେଡିକାଲ୍ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଗବେଷଣାକୁ ଅଧିକ ପ୍ରୋତ୍ସାହିତ କରିବା ବୋଲି ପ୍ରଫେସର ଥାଟୋଇ କହିଛନ୍ତି।

ବର୍ତ୍ତମାନ ବିଶ୍ୱରେ ପରିବେଶକୁ ନେଇ ଉଦ୍‌ବେଗ ସୃଷ୍ଟି ହେଉଥିବା ବେଳେ ହ୍ୱାଇଟ୍ ବାୟୋଟେକ୍ନୋଲୋଜି ଏବଂ ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲୋଜିର ଅନେକ ଗୁରୁତ୍ୱ ରହିଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଡକ୍ଟର ଶୀବାନି ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅର୍ଗାନାଇଜିଂ ସେକ୍ରେଟାରୀ ଡକ୍ଟର ଅମ୍ରିତା ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଡକ୍ଟର ସସ୍ମିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ବୈଠକ

କେନ୍ଦ୍ରାପଡ଼ା,୪।୧୧: ନହଙ୍ଗସ୍ଥିତ ମା'ମଙ୍ଗଳାଙ୍କ ପୀଠରେ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ଆର୍ତ୍ତତ୍ରାଣ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଅଭିମନ୍ୟୁ ସାହୁ ସମ୍ପାଦକୀୟ ବିବରଣୀ ପାଠକରିବା ସହିତ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଓଡିଶା ସରକାର ପେନସନ୍ ଭୋଗୀମାନଙ୍କ ପାଇଁ ୩ପ୍ରତିଶତ ଡିଆର ମଞ୍ଜୁର କରିଥିବାରୁ ସଦସ୍ୟମାନଙ୍କ ପକ୍ଷରୁ ଆନନ୍ଦ ପ୍ରକାଶ ପାଇଥିଲା। ଚଳିତମାସରେ ଅବସରପ୍ରାପ୍ତ କର୍ମଚାରୀମାନେ ଜୀବନ ପ୍ରମାଣ ପତ୍ର ଦାଖଲ କରିବାକୁ ପରାମର୍ଶ ଦିଆଯାଇଥିଲା। ୭୦ବର୍ଷରୁ ଉର୍ଦ୍ଧ୍ୱ ପେନସନ୍‌ଭୋଗୀମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିଥିବାରୁ ସଭାରେ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ପଲିଥିନ ବର୍ଜନ କରିବାକୁ ସଙ୍ଘ ପକ୍ଷରୁ ସମସ୍ତଙ୍କୁ ପରାମର୍ଶ ଦିଆ ଯାଇଥିଲା। ଏହି ବୈଠକରେ ନିକୁଞ୍ଜ ବିହାରୀ ପୃଷ୍ଟି, ଗୌରାଙ୍ଗ ଚରଣ ସାହୁ, ଦୈତାରି ସେଠୀ, ରବୀନ୍ଦ୍ର ନାଥ ମହାନ୍ତି, କ୍ଷୀରୋଦ ଚନ୍ଦ୍ର ସାମଲ, ଦୁର୍ଯ୍ୟୋଧନ ପ୍ରଧାନ, ଭଗବାନ ସାମଲ, ଜଗବନ୍ଧୁ ଦାସ, ଗୁରୁ ଚରଣ କବି, କୁଞ୍ଜ ବିହାରି ପୋଥାଳ, ସୁରଥ କୁମାର ବାରିକ, ଜଗବନ୍ଧୁ ଦାସ(ଖ), ଗୋଲକ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ସାହୁ, ବିଶ୍ୱନାଥ ବେହେରା, ପ୍ରଫୁଲ୍ଲ କୁମାର ଜେନା ଓ ବଂଶୀଧର ବେହେରା ପ୍ରମୁଖ ସଭ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ।

# ସାମ୍ବାଦିକ ଦିବସ ପାଳନ ପରିପ୍ରେକ୍ଷୀରେ ବକ୍ତୃତା ପ୍ରତିଯୋଗୀତା



ଖଣ୍ଡପଡା,୪।୧୧(ନିପ୍ର) ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ମୂଲ୍ୟବୋଧଭିତିକ ସାମ୍ବାଦିକତା ଦିବସ ପାଳନ ପରିପ୍ରେକ୍ଷୀରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗୀତା ସୋମବାର ଅନୁଷ୍ଠିତ ହୋଇଯାଇଛି । ବକ୍ତୃତା ପ୍ରତିଯୋଗୀତାରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ୮ ତାରିଖ ଶୁକ୍ରବାର ଖଣ୍ଡପଡା ଆଂଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ମୂଲ୍ୟବୋଧଭିତିକ ସାମ୍ବାଦିକତା ଦିବସ ପାଳନ ଅବସରରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡିଛି । ବକ୍ତୃତା ପ୍ରତିଯୋଗୀତାର ବିଚାରକ ଭାବେ ଆଇନଜୀବି ହରିଶ୍ଚନ୍ଦ୍ର ପ୍ରଧାନ, ବରିଷ୍ଠ ସାମ୍ବାଦିକ ବିନାୟକ ମିଶ୍ର, ଭବାନୀଶଂକର ସିଂହସାମନ୍ତ ପ୍ରମୁଖ ଯୋଗ ଦେଇଥିଲେ ।

## ଗୁଜରାଟର ଶ୍ରମ, କୌଶଳ ବିକାଶ ଓ ନିୟୋଜନ ବିଭାଗର ସଚିବଙ୍କ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ

# ଆଗାମୀକାଲିର ଶିଳ୍ପ ପାଇଁ ଦକ୍ଷ ଯୁବ ମାନବ ସମ୍ବଳ ପ୍ରସ୍ତୁତ କରୁଛି ଓଡ଼ିଶା: ଡକ୍ଟର ବିନୋଦ ଆର୍ ରାଓ

ଭୁବନେଶ୍ୱର, ୪।୧୧ : ଗୁଜରାଟ ସରକାରଙ୍କ ଶ୍ରମ, କୌଶଳ ବିକାଶ ଓ ନିୟୋଜନ ବିଭାଗର ସଚିବ ଡକ୍ଟର ବିନୋଦ ଆର୍ ରାଓ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ସୋମବାର ଦିନ ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଥିଲେ। ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତାକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ଏହି ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କୁ ଶିଳ୍ପ ଉପଯୋଗୀ ତାଲିମ ଦେବା ପାଇଁ ୭ଟି ଅତ୍ୟାଧୁନିକ ପାଠ୍ୟକ୍ରମ ରହିଛି। ତା'ସହ ହ୍ୟାଣ୍ଡ୍ସ ଅନ୍ ପ୍ରାକ୍ଟିସ୍ ସୁବିଧା ପାଇଁ ଅନ୍ତର୍ଜାତୀୟ ମାନର ଲାବୋରେଟୋରି ସ୍ଥାପନ କରାଯାଇଛି। ଏହି ଗସ୍ତ ବେଳେ ଡକ୍ଟର ରାଓ ବିଶ୍ୱ ଦକ୍ଷତା କେନ୍ଦ୍ରର ବିଭିନ୍ନ ଲାବୋରେଟୋରି ବୁଲି ଦେଖିବା ସହ ଛାତ୍ରଛାତ୍ରୀ ଓ ପ୍ରଶିକ୍ଷକମାନଙ୍କ ସହ କଥା ହୋଇଥିଲେ। ଛାତ୍ରଛାତ୍ରୀଙ୍କ ଦକ୍ଷତାକୁ ନୂଆ ଉଚ୍ଚତାକୁ ନେବାରେ ଏହି କେନ୍ଦ୍ର ବିଶେଷ ସହାୟକ ହେଉଥିବା ଜାଣି ସେ ଖୁସି ହୋଇଥିଲେ। "ବିଶ୍ୱ ଦକ୍ଷତା କେନ୍ଦ୍ରରେ ଅତ୍ୟାଧୁନିକ ତାଲିମ ନେଇ




ଛାତ୍ରଛାତ୍ରୀମାନେ ସେମାନଙ୍କ ଦକ୍ଷତାକୁ ଆହୁରି ବ୍ୟାପକ କରିବାର ସୁଯୋଗ ପାଉଛନ୍ତି। ଫଳରେ ଆଗାମୀକାଲିର ଶିଳ୍ପ ପାଇଁ ଆବଶ୍ୟକ ହେଉଥିବା ଦକ୍ଷ ଯୁବ ମାନବ ସମ୍ବଳ ପ୍ରସ୍ତୁତି ଦିଗରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି। 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଯୁବପିଢ଼ିଙ୍କ ଦକ୍ଷତାକୁ ସଶକ୍ତ କରିବା ଲାଗି ରାଜ୍ୟ ସରକାରଙ୍କର ଯେଉଁ ପ୍ରତିବଦ୍ଧତା ରହିଛି ତାହା ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରତିଫଳିତ ହେଉଛି," କହିଛନ୍ତି ସଚିବ ଡକ୍ଟର ବିନୋଦ ଆର୍ ରାଓ। ଏହି ଅବସରରେ ଡକ୍ଟର ରାଓ ବିଶ୍ୱ ଦକ୍ଷତା କେନ୍ଦ୍ରର ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ରରେ ତାଲିମ ଶେଷ କରିବା ପରେ ଛାତ୍ରଛାତ୍ରୀମାନେ ଦେଶ ବିଦେଶର ପ୍ରମୁଖ ଶିଳ୍ପ ସଂସ୍ଥାରେ ନିଯୁକ୍ତି ସୁଯୋଗ ପାଉଥିବାରୁ ସେ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ଶ୍ରୀଯୁକ୍ତ ପିନାକୀ ପଟ୍ଟନାୟକ, ଅଧ୍ୟକ୍ଷ ଶ୍ରୀଯୁକ୍ତ ଟି ଥମ୍ପିରାଜା ଏବଂ ଉପାଧ୍ୟକ୍ଷ ଶ୍ରୀମତୀ ଜିତାମିତ୍ର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣ ଅଧୀନରେ ତଥା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳଠାରେ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରରେ ଏବେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ସ୍କୁଲ ଅଫ୍ ସର୍ଭିସେସ୍ ବିଭାଗ ଅଧୀନରେ ମୋଟ ୭ଟି ଅତ୍ୟାଧୁନିକ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ତାଲିମ ଦିଆଯାଇ ଦେଶ ବିଦେଶର ବିଭିନ୍ନ ଶିଳ୍ପ ଓ ସେବା କ୍ଷେତ୍ର ଲାଗି ପ୍ରସ୍ତୁତ କରାଯାଉଛି।

# କୃଷକ ତାଲିମଦାତାଙ୍କ ତାଲିମ ଶିବିର

ଚମ୍ପୁଆ,୪।୧୧ (ନି.ପ୍ର) : ମୁଖ୍ୟ ଜିଲା କୃଷିଅଧିକାରୀ କେନ୍ଦୁଝର ସୌଜନ୍ୟରେ ଚମ୍ପୁଆ କୃଷିକାର୍ଯ୍ୟାଳୟ ଠାରେ ମୂଖ୍ୟମନ୍ତ୍ରୀ ମକା ମିସନ ଆନୁକୂଲ୍ୟରେ କୃଷକ ତାଲିମଦାତାଙ୍କ ପାଇଁ ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଏଡିଓ ସତ୍ୟବାନ ସୋରେନ, ମୃତିକା ବିଭାଗ ଏଡିଏ ରବିନ୍ଦ୍ର କୁମାର ସାହୁ, ବ୍ଲକ କୃଷିଅଧିକାରୀ ନିଳମାଧବ ଦାଶ, ସହକାରୀ କୃଷି ଅଧିକାରୀ ରମାମଣି ସାହୁ ପ୍ରମୁଖ ଯୋଗଦେଇ କୃଷକ ତାଲିମ ଦାତାଙ୍କୁ ତାଲିମ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ମକାମିଶନ ଦ୍ୱାରା ସଫଳ ୩୦ଜଣ ଚାଷିଙ୍କୁ ଚୟନ କରାଯାଇ ଏହି ତାଲିମ ପ୍ରଦାନ କରାଯାଇଥିବା ବେଳେ ମକାର ବିଭିନ୍ନ



ବ୍ୟବହାର, ରୋଗପୋକ ନିୟନ୍ତଣ ସହିତ ଚାଷିଙ୍କ ଠାରୁ ଚାଷ ସମ୍ବନ୍ଧିୟ ସମସ୍ୟା ଓ ସଫଳତା ଉପରେ ଆଲୋଚନା ହୋଇଥିଲା। ତାଲିମ ଚାଷିମାନେ ଅନ୍ୟ ଚାଷିଙ୍କୁ ଉତ୍ସାହିତ କରିବା ସହିତ ଚାଷ ସମ୍ବନ୍ଧିୟ ପରାର୍ମଶ ପ୍ରଦାନ କରିବେ ବୋଲି ଯଣାଯାଇଛି।

# ଜୀବନ ଉପଯୋଗୀ ଦାର୍ଶନିକ ପ୍ରବଚନ

ଚମ୍ପୁଆ,୪।୧୧ (ନି.ପ୍ର) : ବିଶ୍ୱର ପଞ୍ଚମ ମୂଳ ଜଗଦ ଗୁରୁ ଶ୍ରୀ କୃପାଳୁଜୀ ମହାରାଜଙ୍କ ପ୍ରିୟ ଶିଷ୍ୟା ପୂଜନିୟା ରାଶେଶ୍ୱରୀ ଦେବୀଙ୍କ ନବଦୀନ ପ୍ରବଚନ କାର୍ଯ୍ୟକ୍ରମ ଚମ୍ପୁଆ ଧରଣୀଧର ନଗର ଭବନଠାରେ ଉପଜିଲାପାଳ ଉମାକାନ୍ତ ପରିଡାଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ଚିକିତ୍ସାଧିକାରୀ ଡା ଉମାକାନ୍ତ ସାହୁ, ଅବସର



ପ୍ରଧାପକ ଗିରିଜା ଶଙ୍କର କର ପ୍ରମୁଖ ଯୋଗ ଦେଇଥିଲେ। ପୂଜନୀୟା ରାଶେଶ୍ୱରୀ ଦେବୀଜୀଙ୍କ ଦ୍ୱାରା ଆଭାସି ମାଧମରେ ପ୍ରବଚନ ପ୍ରାରମ୍ଭରେ ହରିନାମ ଭଜନ କରାଯାଇଥିଲା। ପୂଜନୀୟା ରାଶେଶ୍ୱରୀ ଦେବୀଜୀଙ୍କ ଦ୍ୱାରା ଆଭାସି ସନାତନ ଓ ବୈଦିକ ଧର୍ମ ଉପରେ ସରଳ ଭାଷାରେ ଆଲୋକପାତ କରାଯାଇଥିଲା। ବେଦ, ପୁରାଣ, ଶୃତି ପରମ୍ପରା, ସ୍ମୃତି ପରମ୍ପରା ଉପରେ ବିଶଦ ବ୍ୟାଖ୍ୟାକରି ଜୀବାତ୍ମା ମାନଙ୍କୁ ଜୀବନ କାଳରେ ଉପଯୋଗ କରିବାକୁ ଉପଦେଶ ପ୍ରଦାନ କରିଥିଲେ। ଶେଷରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତୀରେ ଆରତି ପ୍ରଦାନ କରି ପ୍ରବଚନ ଶେଷ କରାଯାଇଥିଲା। ଏହି ପ୍ରବଚନ କାର୍ଯ୍ୟକ୍ରମରେ ସ୍ଥାନିୟ ଅଂଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ବିଜେଡି ଜନସଂପର୍କ ପଦଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ଖଣ୍ଡପଡା,୪।୧୧(ନିପ୍ର) ଖଣ୍ଡପଡା ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡିର ଜନସଂପର୍କ ପଦଯାତ୍ରା ଆସନ୍ତା ୧୦ ତାରିଖରେ ନେଇ ଏକ ପ୍ରସ୍ତୁତି ବୈଠକ ଖଣ୍ଡପଡା ପୂର୍ତ୍ତବିଭାଗ ଡ଼ାକବଙ୍ଗଳା ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ବିଜେଡି ସଭାପତି ବିଜୟ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଖଣ୍ଡପଡା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଏବଂ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ବିଜେଡ଼ିର ଜନସଂପର୍କ ପଦଯାତ୍ରା ଖଣ୍ଡପଡା ସହର ପରିକ୍ରମା କରିବା ଅବସରରେ ସମସ୍ତ ଦଳୀୟ କର୍ମୀ, କର୍ମକର୍ତ୍ତା ଓ ସଂଗଠକମାନେ ଏକ ହୋଇ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ବୈଠକରେ ସ୍ଥିରୀକୃତ ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଜିଲ୍ଲାପରିଷଦ ସଦସ୍ୟ ଧର୍ମେନ୍ଦ୍ର କୁମାର ଧଳ, ବରିଷ୍ଠ ବିଜେଡ଼ି ନେତା ସୂର୍ଯ୍ୟନାରାୟଣ ପ୍ରଧାନ, ଭାପୁର ବିଜେଡି ସଭାପତି ଶିବ ପ୍ରସାଦ ଷଡଙ୍ଗୀ, ଖଣ୍ଡପଡା ଏନଏସି ଉପାଧ୍ୟକ୍ଷ ମିହିର କୁମାର ମିଶ୍ର, ବରିଷ୍ଠ ଉପଦେଷ୍ଟା ମଧୁସୁଦନ ରଥ, ଆତ୍ମା କମିଟି ଅଧ୍ୟକ୍ଷ ନାରାୟଣ ଆଚାର୍ଯ୍ୟ, ଯୁବ ବିଜେଡି ସଭାପତି ମନୋରଂଜନ ବେହେରା ପ୍ରମୁଖ ଉପସ୍ଥିତ ରହି ପଦଯାତ୍ରାକୁ ସଫଳ କରାଇବା ପାଇଁ ଦୃଢ଼ ନିଷ୍ପତି ନେଇଥିଲେ । ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରୁ ପଦଯାତ୍ରା ବାହାରି ଖଣ୍ଡପଡ଼ା ସହର ପରିକ୍ରମା କରିବା ଅବସରରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତି ନିଆଯାଇଥିବା ଜଣାପଡ଼ିଛି।



